ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.186 Bhubaneswar Saturday September 10 2022 | ୨୫ତମ ବର୍ଷ | ସଂଖ୍ୟା–୧୮୬ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୦, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ମାଲକାନଗିରିରେ ବ୍ୟାପୁଛି ଅଜଣା ରୋଗ ! ୧୦ ଦିନରେ ଗଲାଣି ୬ ଜୀବନ



ମାଲକାନଗିରି, ୯।୯(ପି.ଏନ): ଅଜଣା ରୋଗ ନେଉଛି ଜୀବନ। ୧୦ ଦିନରେ ୬ ଜଣଙ୍କ ଜୀବନ ଗଲାଣି। ୧୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଛନ୍ତି। ହେଲେ ସେମାନେ ମେଡିକାଲ୍ ଯିବା ପରିବର୍ତ୍ତ ଗୁଣି ଗାରେଡିର ଆଶ୍ରୟ ନେଉଛନ୍ତି। ଏପରି ଅଭିଯୋଗ ଆସିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରୁ। ଏ ସମ୍ପର୍କରେ ଖବର ପାଇଁ ଗାଁରେ ପହଞ୍ଚିଛି ମେଡିକାଲ୍ ଟିମ୍।ମାଥିଲି ବ୍ଲକ୍ ହଳଦୀକୁଣ୍ଡ ଗାଁରେ ଅଜଣା ରୋଗର ଆତଙ୍କ। ୧୦ ଦିନରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୫ ଜଣ ପୁରୁଷ ଥିବା ବେଳେ ଜଣେ ମହିଳା ରହିଛନ୍ତି। ଏହି ରୋଗରେ ଆକ୍ରାନ୍ତ ହେଉଥିବା ଲୋକଙ୍କ ଗୋଡ ଫୁଲି ଯାଉଛି। ପରେ ଜ୍ୱର ଆସୁଛି। ଆଉ ତା'ର ତିନିରୁ ଚାରି ଦିନ ଭିତରେ ଉଡି ଯାଉଛି ପ୍ରାଣବାୟୁ। ଏହି ଅଜଣା ରୋଗରେ ଆକ୍ରାନ୍ତ ହୋଇ ଗୁରୁବାର ଆଉ ଜଣଙ୍କ ମୃତ୍ୟୁ ଘଟିଛି। ୧୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବା ଜଣାପଡିଛି।ଅଜଣା ରୋଗରେ ଗୋଟେ ପରେ ଗୋଟେ ମୁଣ୍ଡ ଗଡୁଥିବା ବେଳେ ହଳଦୀକୁଣ୍ଡ ଲୋକେ ଚିକିତ୍ସାଳୟକୁ ଯାଉନାହାନ୍ତି। ସେମାନେ ଗୁଣିଗାରେଡି ଓ ଝଡାଫୁଙ୍କା ଉପରେ ଭରସା କରୁଛନ୍ତି। ଗାଁର କୌଣସି ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହେଲେ ସଙ୍ଗେ ସଙ୍ଗେ ଦିଶାରୀଙ୍କ ପାଖକୁ ଧାଇଁ ଯାଉଛନ୍ତି। ଦିଶାରୀ ରୋଗୀଙ୍କୁ ଦେଖି ଝଡାଫୁଙ୍କାରେ ଲାଗି ପଡୁଛି। ଆଉ ଜଣେ ପୋଖତ ଚିକିତ୍ସକ ପରି ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଦେଖିବାକୁ ମିଳିଛି।ଅଜଣା ରୋଗରେ ଜୀବନ ଯାଉଥିବା ଖବର ପାଇ ଡାକ୍ତରୀ ଟିମ୍ ହଳଦୀକୁଣ୍ଡ ଗାଁରେ ପହଞ୍ଚିଛି। କିଛି ରୋଗୀଙ୍କ ଚିକିତ୍ସା ଆରମ୍ଭ କରିଛି। କିନ୍ତୁ ଡାକ୍ତରୀ ଟିମକୁ କେତେକ ଗାଁ ଲୋକ ଘର ଭିତରେ ପଶିବାକୁ ଦେଉନାହାନ୍ତି। ଏପରିକି ସହଯୋଗ କରୁନଥିବା ଅଭିଯୋଗ ହୋଇଛି। ଚିକିତ୍ସା କଲେ ମୃତ୍ୟୁ ହେଉଥିବା ସନ୍ଦେହ କରି ରୋଗୀମାନ ଚିକିତ୍ସାଳୟ ଆସୁନଥିବା ଆଲୋଚନା ହେଉଛି। ବିରୋଧ ସତ୍ତ୍ୱେ ଡାକ୍ତରୀ ଟିମ୍ ଗାଁର କେତେକ ଲୋକଙ୍କ ରକ୍ତ ନମୂନା ସଂଗ୍ରହ କରିଛି। ଗାଁ ଲୋକଙ୍କୁ ସଚେତନତା କରାଉଛନ୍ତି। ମେଡିକାଲ୍ ଟିମ୍‌ର ଚିକିତ୍ସାରେ କ୍ୱାକ୍(ନକଲି ଡାକ୍ତର) ବ୍ୟାଘାତ ସୃଷ୍ଟି କରୁଛନ୍ତି। ଏନେଇ ମେଡିକାଲ୍ ଟିମ୍ ପକ୍ଷରୁ ମାଥିଲି ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଜଣେ କ୍ୱାକ୍‌କୁ ଗିରଫ କରିଛି।

## ୩୬ ଘଂଟାରେ ସୁଦୃଢ଼ ଲଘୁଚାପ ସମ୍ଭାବନା, ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୯।୯(ପି.ଏନ): ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ସ୍ପଷ୍ଟ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଜାରୀ ରହିଛି। ଆଗାମୀ ୩୬ ଘଂଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ତତସଂଲଗ୍ନ ଉତର-ପଶ୍ଚିମ ବଙ୍ଗୋପସାଗର ତଥା ଉତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡିଶା ଉପକୂଳ ସମୁଦ୍ର ଏକ ସୁଦୃଢ଼ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, କନ୍ଧମାଳ, ଗଜପତି, ନୟାଗଡ, ଗଂଜାମ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡା, ଜଗତସିଂହପୁର ଓ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୦ ତାରିଖରୁ ବର୍ଷାର ପରିମାଣ ବଢିପାରେ। ୧୦ରୁ ୧୧ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଂଜାମ, ଖୋର୍ଦ୍ଧା,ନୟାଗଡ ଓ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି) ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ନୂଆପଡା, ବଲାଙ୍ଗିର, ସୋନପୁର, ବୌଦ୍ଧ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର ଓ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଓଡିଶାରେ ୬ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୯।୯(ପି.ଏନ): ବିଜେପି ଫୋକସରେ ରହିଛି ଓଡ଼ିଶା। ଦଳୀୟ ସଂଗଠନକୁ ମଜବୁତ୍ କରିବା ପାଇଁ ନିକଟରେ ନୂଆ ପ୍ରଭାରୀ ଓଡିଆ ଆସି ଫେରିଛନ୍ତି। ଏହାପରେ କେନ୍ଦ୍ରମନ୍ତ୍ରୀ ମାନେ ଓଡିଶା ଗସ୍ତରେ ଆସିଛନ୍ତି। ଶୁକ୍ରବାର ୬ ଜଣ କେନ୍ଦ୍ରମନ୍ତ୍ରୀ ପହଂଚିଥିବା ବେଳେ ଆସନ୍ତାକାଲି ଆଉ ଜଣେ କେନ୍ଦ୍ରମନ୍ତ୍ରୀ ଓଡିଶା ଆସୁଛନ୍ତି। ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅର୍ଜୁନ ମୁଣ୍ଡା, ନିତ୍ୟାନନ୍ଦ ରାୟ, ଅଶ୍ୱିନୀ ଚୌବେ, ଭୂପେନ୍ଦ୍ର ଯାଦବ ଓ ବିଶେଶ୍ୱର ଟୁଡୁ ଓଡିଶା ଗସ୍ତରେ ଆସିଛନ୍ତି। ସେହିପରି ଆସନ୍ତାକାଲି କେନ୍ଦ୍ର ମନ୍ତ୍ରୀ ନିଶିଥ ପାରମାଣିକ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି।ଆଜି ସକାଳେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଭୁବନେଶ୍ୱରରେ ପହଂଚିଥିଲେ। ଅର୍ଜୁନ ମୁଣ୍ଡା ଯାଜପୁର ଯାଇ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ଏହା ସହ ସଂଗଠନ କଥା ବୁଝିବେ। ସେହିପରି ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରରେ ଦଳୀୟ ସଂଗଠନର ସମୀକ୍ଷା କରିବେ। ଏହାସହ ୨୯ରେ ଆସୁଥିବା ବିଜେପି ସଭାପତି ଜେ.ପି ନଡ୍ଡାଙ୍କୁ ଗସ୍ତ ନେଇ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି।ସେହିପରି କଟକରେ କେନ୍ଦ୍ର ଗୃହରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଦଳୀୟ ସଂଗଠନର ସମୀକ୍ଷା କରିବେ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ଚୌବେ, ଭୂପେନ୍ଦ୍ର ଯାଦବ ଓ ବିଶେଶ୍ୱର ଟୁଡୁଙ୍କର ଭୁବନେଶ୍ୱରରେ କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି।କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ପୁରୀ ଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତାକାଲି ଆସିବାକୁ ଥିବା କେନ୍ଦ୍ରମନ୍ତ୍ରୀ ନିଶିଥ ପାରମାଣିକ କେନ୍ଦ୍ରାପଡ଼ା ଯାଇ ଦଳୀୟ ସଂଗଠନ କଥା ବୁଝିବେ।"ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ" ଆଧାରରେ ଏହି ସମସ୍ତ ଯୋଜନାର ସଫଳତା ଏବଂ ରାଜ୍ୟଗୁଡିକରେ ଏହାର କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ ଦେଉଛନ୍ତି ମୋଦି ସରକାର। ଓଡିଶାରେ କେନ୍ଦ୍ର ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସଂପର୍କରେ ବିସ୍ତୃତ ଅବଗତ ହେବା ପାଇଁ କେନ୍ଦ୍ରମନ୍ତ୍ରୀମାନେ ଓଡିଶା ଗସ୍ତ କରୁଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀମାନେ ବିଭିନ୍ନ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟାନ୍ୱୟନ, ହିତାଧିକାରୀ ତାଲିକା, ବଂଚିତ ହିତାଧିକାରୀଙ୍କ ସଂପର୍କରେ ଅବଗତ ହେବା ସହିତ ଆଗାମୀ ଦିନରେ ଉକ୍ତ ଯୋଜାନକୁ ତୃଣମୂଳ ସ୍ତରରେ ପହଂଚାଇବା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ।ଏହି ଅବସରରେ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର, ଅର୍ଜୁନ ମୁଣ୍ଡା ଯାଜପୁର, ନିତ୍ୟାନନ୍ଦ ରାୟ କଟକ, ଅଶ୍ୱନୀ ଚୌବେ ଭୁବନେଶ୍ୱର, ବିଶେଶ୍ୱର ଟୁଡୁ ମୟୁରଭଂଜ ଏବଂ ଆସନ୍ତା କାଲି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଭୁବନେଶ୍ୱର, ନିଶିଥ୍ ପରମାଣିକ କେନ୍ଦ୍ରାପଡା ଜିଲ୍ଲା ଗସ୍ତ କରି ଜିଲ୍ଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାର ଦଳୀୟ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାଙ୍କ ସହିତ ଦଳୀୟ ସଂଗଠନ ସଂପର୍କରେ ମଧ୍ୟ ଆଲୋଚନା କରିବେ ବୋଲି ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ ସୂଚନା ଦେଇଛନ୍ତି।

### ଓୟୁଏଟି କୁଳପତି ହେଲେ ପ୍ରଭାତ ରାଉଳ



ଭୁବନେଶ୍ୱର, ୯।୯(ପି.ଏନ): ଓଡିଶା ୟୁନିଭର୍ସିଟି ଅଫ୍ ଅଗ୍ରିକଲଚର ଆଣ୍ଡ ଟେକ୍ନୋଲୋଜି (ଓୟୁଏଟି)ର କୁଳପତି ଭାବେ ପ୍ରଫେସର ପ୍ରଭାତ କୁମାର ରାଉଳଙ୍କୁ ନିଯୁକ୍ତି ମିଳିଛି। ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ଏହି ନିଯୁକ୍ତି ଦେଇଛନ୍ତି। ଆଗାମି ୩ ବର୍ଷ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ସୂଚନା ଅନୁଯାୟୀ ପ୍ରଫେସର ରାଉଳ ବର୍ତ୍ତମାନ ଆପିକଲର ମ୍ୟାନେଜିଂ ଡାରେକ୍ଟର ଭାବେ କାର୍ଯ୍ୟରତ। ତାଙ୍କ ନିକଟରେ ୨୯ ବର୍ଷର ଶିକ୍ଷକତା ଅଭିଜ୍ଞତା ରହିଛି। ସେ ୨୪ ଟି ବହି ଲେଖିଥିବା ବେଳେ ତାଙ୍କ ଅଧୀନରେ ୯ ଜଣ ପିଏଚଡି କରିଛନ୍ତି।

### ଦଶମ ପାସ୍ ପିଲାଙ୍କୁ ଆଉ ଏକ ସୁଯୋଗ

ଭୁବନେଶ୍ୱର, ୯।୯(ପି.ଏନ): ଦଶମ ବା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା କିଛି ଛାତ୍ରଛାତ୍ରୀ ପ୍ରଥମ ପର୍ଯ୍ୟାୟ ଇ-ଆଡ୍‌ମିଶନରେ ଭାଗ ନେଇପାରିନାହାନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ସେମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଇ-ଆଡ୍‌ମିଶନ ପ୍ରକ୍ରିୟାରେ ନାମ ଲେଖାଇବା ପାଇଁ ଅନ୍ୟ ଏକ ସୁଯୋଗ ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ସଂପୃକ୍ତ ଛାତ୍ରଛାତ୍ରୀମାନେ ଚଳିତ ସେପ୍ଟେମ୍ବର ୧୦ରୁ ୨୭ ତାରିଖ ମଧ୍ୟରେ ପୁନର୍ବାର ଆବେଦନ କରିପାରିବେ। ଇଚ୍ଛୁକ ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ସାମସ୍‌ଓଡିଶା ଡଟ୍ ଜିଓଭି ଡଟ୍ ଇନ୍‌ରେ ଲଗ୍ ଇନ୍ କରି ସଂପୂର୍ଣ୍ଣ ବିବରଣୀ ଜାଣିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ।

## ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନରେ ସାମିଲ ହେବାକୁ ରାଜ୍ୟପାଳଙ୍କ ନିବେଦନ

ଭୁବନେଶ୍ୱର, ୯।୯(ପି.ଏନ): ଶୁକ୍ରବାର ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏଥିରେ ଅଂଶଗ୍ରହଣ କରିଥିଲେ। ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମାମୁକ୍ତ ଭାରତ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାର ସଫଳ ରୂପାୟନ ପାଇଁ ରାଜ୍ୟପାଳ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ଏହି ଅଭିଯାନରେ ନି-କ୍ଷୟ ମିତ୍ର ଭାବରେ ସହଯୋଗ କରିବା ପାଇଁ ବ୍ୟବସ୍ଥା ରହିଛି। ବ୍ୟକ୍ତି, ଅନୁଷ୍ଠାନ, ସମବାୟ ସଂସ୍ଥା, କରପୋରେଟ୍, ନିର୍ବାଚିତ ଲୋକ ପ୍ରତିନିଧି, ବ୍ୟବସାୟ ପ୍ରତିଷ୍ଠାନ, ବେସରକାରୀ ଅନୁଷ୍ଠାନ, ରାଜନୈତିକ ଦଳ ଆଦି ନି-କ୍ଷୟ ମିତ୍ରଭାବରେ ଯକ୍ଷ୍ମା ରୋଗୀମାନଙ୍କୁ ଅତିରିକ୍ତ ଖାଦ୍ୟ ଓ ପୋଷଣ ସହାୟତା ଏବଂ ଥଇଥାନଆଦି ଅନ୍ୟାନ୍ୟ ସହାୟତା ଯୋଗାଇ, ଓଡ଼ିଶାରୁ ଯକ୍ଷ୍ମାରୋଗର ମୂଳୋତ୍ପାଟନ ନିମନ୍ତେ ସହଯୋଗ କରିବାକୁ ରାଜ୍ୟପାଳ ନିବେଦନ କରିଛନ୍ତି।

### ନକଲି ମେଡିସିନ୍ ବିକ୍ରୀ ଅଭିଯୋଗ ନେଇ ଭୁବେନଶ୍ୱରର ବିଭିନ୍ନ ସ୍ଥାନେର ରେଡ

ଭୁବନେଶ୍ୱର, ୯।୯(ପି.ଏନ): ନକଲି ମେଡିସିନ୍ ବିକ୍ରୀ ଅଭିଯୋଗ ନେଇ ଭୁବେନଶ୍ୱରର ବିଭିନ୍ନ ସ୍ଥାନେର ରେଡ କରାଯାଉଥିବା ଜଣା ପଡିଛି। ଡ୍ରଗ୍ କଂଟ୍ରୋଲରଙ୍କ ପକ୍ଷରୁ ଭୁବେନଶ୍ୱରର ବିଭିନ୍ନ ଔଷଧ ଦୋକାନେର ରେଡ୍ କରାଯାଉଛି।

## ପୁରୀରେ ଗ୍ରୀନ୍ ଫିଲ୍ଡ ବିମାନ ବନ୍ଦର ପାଇଁ ୯୪୦ ଏକର ଜମି ହସ୍ତାନ୍ତର କରିବ ପ୍ରଶାସନ

ଭୁବନେଶ୍ୱର, ୯।୯(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପୁରୀଠାରେ ପ୍ରସ୍ତାବିତ ଗ୍ରୀନ୍ ଫିଲ୍ଡ ବିମାନ ବନ୍ଦରର ଜମି ଅଧିଗ୍ରହଣ, ପ୍ରାଚୀର ନିର୍ମାଣ, ଯୋଗାଯୋଗ କରିଡ଼ର ଆଦି କାର୍ଯ୍ୟର ସମୀକ୍ଷା କରାଯାଇଛି। ଏଥିରେ ପ୍ରଥମ ଦଫାରେ ୯୪୦ ଏକର ଜମି ବାଣିଜ୍ୟ ଓ ପରିବହନ ବିଭାଗକୁ ପୁରୀ ଜିଲ୍ଲା ପ୍ରଶାସନ ଦ୍ୱାରା ଆସନ୍ତା ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ହସ୍ତାନ୍ତର କରିବାକୁ ନିଷ୍ପତି ନିଆଯାଇଛି। ଏଥି ସହିତ ଆବଶ୍ୟକ ଥିବା ଘରୋଇ ଜମି ଅଧିଗ୍ରହଣ ନିମନ୍ତେ ଜିଲ୍ଲାପାଳଙ୍କ ସହ ଯୋଗାଯୋଗ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ କୁହାଯାଇଛି। ଜମି ଅଧିଗ୍ରହଣ ସଂକ୍ରାନ୍ତୀୟ ମାମଲାର ସଂଯୋଜନା ଓ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଜଣେ ବରିଷ୍ଠ ଅଧିକାରୀଙ୍କୁ ଅଧିକୃତ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରସ୍ତାବିତ ସ୍ଥାନରେ ଆସନ୍ତା ୨୦ ତାରିଖରେ ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ଏବଂ ୪ ମାସ ସମୟ ମଧ୍ୟରେ ଏହି କାର୍ଯ୍ୟ ସଂପୂର୍ଣ୍ଣ ହେବ ବୋଲି ଭୁବନେଶ୍ୱର ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଜଣାଇଥିଲେ।

## ନଭେମ୍ବର ୮ରୁ କଟକ ବାଲିଯାତ୍ରା

ଭୁବନେଶ୍ୱର, ୯।୯(ପି.ଏନ): କଟକର ପ୍ରସିଦ୍ଧ ବାଲିଯାତ୍ରା ନେଇ ଶୁକ୍ରବାର ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତିସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଲୋକସେବା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଉତ୍ସବର ପରିଚାଳନା ଓ ଆର୍ଥିକ ବ୍ୟବସ୍ଥା ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ବାଲିଯାତ୍ରା ନଭେମ୍ବର ୮ ରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜନ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଅଧିକ ସଙ୍ଖ୍ୟକ କଳାକାର ଓ ଶିଳ୍ପୀମାନଙ୍କୁ ସାମିଲ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଯାତ୍ରା ପଡିଆକୁ ରାସ୍ତା ସଂଯୋଗ, ଟ୍ରାଫିକ୍ ନିୟନ୍ତ୍ରଣ, ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ, ଷ୍ଟଲ ପାଇଁ ସ୍ଥାନ ନିର୍ଦ୍ଧାରଣ, ବିଦ୍ୟୁତ ସଂଯୋଗ, ପରିମଳ, ସ୍ୱାସ୍ଥ୍ୟ ସେବା ଓ ଆଇନ୍ ଶୃଙ୍ଖଳା ଆଦି ଉପରେ ଗୁରୁତ୍ୱ ଆରୋପ କରି ଏସବୁର ଉତମ ପରିଚାଳନା ନିମନ୍ତେ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି ସାରିବା ପାଇଁ ଶ୍ରୀ ମହାପାତ୍ର ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରା ପଡିଆରେ ଅଧିକ ସଙ୍ଖ୍ୟକ ପାନୀୟ ଜଳ ଟ୍ୟାଙ୍କ, ଅସ୍ଥାୟୀ ବାଇଓ ଟଏଲେଟ୍ ଆଦି ଲଗାଇବାକୁ କଟକ ପୌର ପରିଷଦ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ କୁହାଯାଇଥିଲା। ଯାତ୍ରା ପଡିଆରେ କେବୁଲ ମାଧ୍ୟମରେ ବିଦ୍ୟୁତ ସଂଯୋଗ କରିବାକୁ ଶ୍ରୀ ମହାପାତ୍ର ବିତରକ କଂପାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରା ସମୟରେ ନଦୀରେ ଜଳ କ୍ରୀଡା ଏବଂ ଡେଜର୍ଟ ବାଇକ୍ ରାଇଡ଼ିଂ ଆଦିର ବ୍ୟବସ୍ଥା ବିଷୟରେ ମଧ ବୈଠକରେ ଆଲୋଚନା ହୋଇଥଇଲା। ଏ ବର୍ଷ ଅଧିକ ସଂଙ୍ଖ୍ୟକ ଲୋକ କଳା, ସଂଗୀତ ଏବଂ ନୃତ୍ୟ ଟ୍ରୁପ୍ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ତରଫରୁ ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ କହିଥିଲେ। ଏନ୍.ଜି.ଟି.ର ଗାଇଡ୍ ଲାଇନ୍ ଅନୁସାରେ ଯାତ୍ରାର ଆୟୋଜନ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଗୃହ ଓ ନଗର ଉନ୍ନୟନ, ପୂର୍ତ୍ତ, ଶକ୍ତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଆଦି ବିଭାଗ ମାଧ୍ୟମରେ ଯାତ୍ରାର ପ୍ରସ୍ତୁତି ପାଇଁ କରାଯାଇଥିବା ପ୍ରାୟ ୧୫.୩୫ କୋଟି ଟଙ୍କା ଖର୍ଚ୍ଚ ଆକଳନର ପ୍ରସ୍ତାବିତ ବିନିଯୋଗ ବିଷୟରେ ଆଲୋଚନା ହୋଇଥିଲା। କଟକର ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି, କଟକ ଉନ୍ନୟନ କର୍ତ୍ତୁପକ୍ଷ ଅଧ୍ୟକ୍ଷ ଅନିଲ୍ କୁମାର ସାମଲ, କଟକ ପୌର ପରିଷଦ କମିଶନର ନିଖିଲ ପବନ କଲ୍ୟାଣ, ପ୍ରମୁଖ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରାଂଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ ଭିଡ଼ିଓ କନଫ୍ରେରେନ୍ସିଂ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ।

## ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଉଦଯାପିତ

ଭୁବନେଶ୍ୱର, ୯।୯(ପି.ଏନ): ଓଡ଼ିଶୀ ନୃତ୍ୟ ପ୍ରତିଷ୍ଠାନ ସୃଜନ ଏହିବର୍ଷ ତାର ୨୮ତମ ଓଏମସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ରବିନ୍ଦ୍ର ମଣ୍ଡପଠାରେ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଚମତ୍କାର ଶାସ୍ତ୍ରୀୟ ଉପସ୍ଥାପନାଗୁଡ଼ିକର କ୍ରମାଗତ ଚାରି ସନ୍ଧ୍ୟା ପରେ ପଂଚମ ସଂଧ୍ୟାରେ ପୁରସ୍କାର ବିତରଣ ସମାରୋହ ଏବଂ ସୃଜନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟରେ ଶେଷ ହୋଇଥିଲା। ଉଦଯାପନୀ ଉତ୍ସବର ଅତିଥିମାନେ ଥିଲେ ସିନେ କଳାକାର ସିଦ୍ଧାନ୍ତ ମହାପାତ୍ର; ପୂର୍ବତନ ରାଜସ୍ୱ ପରିଷଦର ଅଧ୍ୟକ୍ଷ ତଥା ଭାରତୀୟ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ତ୍ରିପାଠୀ ଏବଂ ଓଏମସି ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ। ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ୨୦୨୨ ଯଥାକ୍ରମେ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ କ୍ଷେତ୍ରରେ ଅତୁଳନୀୟ ଅବଦାନ ଏବଂ ଆଜୀବନ ସଫଳତା ପାଇଁ ନିରଂଜନ ରାଉତ ଏବଂ ରାମହରି ଦାସଙ୍କୁ ପ୍ରଦାନ କରାଯିବା ସହିତ ସେମାନଙ୍କୁ ୧ ଲକ୍ଷ ଟଙ୍କା ସହ ଉତରୀୟ ଓ ସ୍ମୃତିଫଳକ ସୃଜନ ଅନୁଷ୍ଠାନ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହା ପରେ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ୨୦୨୨ ଉପସ୍ଥାପନା କରାଯାଇଥିଲା, ଯାହା ଶାସ୍ତ୍ରୀୟରେ ମର୍ଯ୍ୟାଦା ଲାଭ କରିଥିବା ଏକକ କଳାକାରଙ୍କୁ ଧ୍ୟାନରେ ରଖି ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇ ଥିଲା। ଏହି ବର୍ଷ ପ୍ରେରଣାଦାୟକ ପ୍ରଦର୍ଶନ ଏବଂ କଳା ପ୍ରତି ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ ଗୀତାଞ୍ଜଳି ଆଚାର୍ଯ୍ୟ ଏବଂ ଶ୍ରୀ ମାତୃ ପ୍ରସାଦ ଦାସଙ୍କୁ ଯଥାକ୍ରମେ ଓଡ଼ିଶୀ ନୃତ୍ୟ ଏବଂ ଓଡ଼ିଶୀ ସଙ୍ଗୀତ (କଣ୍ଠ) ପାଇଁ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ୨୦୨୨ ପ୍ରଦାନ କରାଯିବା ସହିତ ସେମାନଙ୍କୁ ୨୫,୦୦୦ ଟଙ୍କା ସହ ଉତରୀୟ ଓ ସ୍ମୃତିଫଳକ ସୃଜନ ଅନୁଷ୍ଠାନ ଦ୍ୱାରା ପ୍ରଦାନ କରାଯାଇଥିଲା। ଅନ୍ତିମ ସଂଧ୍ୟାରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ସୃଜନ ଅନୁଷ୍ଠାନର ଶିଳ୍ପୀମାନେ ପ୍ରସ୍ତୁତ କରିଥିଲେ ଓଡ଼ିଶୀ ନୃତ୍ୟାଭିନୟ "ରାବଣ"। ରାମାୟଣ ଉପନ୍ୟାସରୁ ଉଦ୍ଧୃତ ରାବଣର ଲୋକପ୍ରିୟ ଧାରଣାକୁ ଖଣ୍ଡନ କରିବାକୁ ଏହି ଓଡ଼ିଶୀ ନୃତ୍ୟଟିକୁ ପ୍ରସ୍ତୁତ କରାଯାଇଥିଲା। ରାବଣ ଭୂମିକା ଗ୍ରହଣ କରି ଗୁରୁ ରତିକାନ୍ତ ମହାପାତ୍ର ଚରିତ୍ରକୁ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାବରେ ଚିତ୍ରଣ କରିଥିଲେ। ରାବଣକୁ ରାମାୟଣର ଏକ ବିଶିଷ୍ଟ ଚରିତ୍ର ଭାବରେ ଚିତ୍ରଣ କରି ଦଶାନନ ରାବଣର ଏକ ଶକ୍ତିଶାଳୀ ତଥା ଚମତ୍କାର ଅଭିନୟରୁ ଆରମ୍ଭ ହୋଇଥିଲା, ଯାହା ଦେବତା ଏବଂ ଦେବୀଙ୍କ ପାରମ୍ପାରିକ ନିମନ୍ତ୍ରଣରୁ ବିଦାୟ ନେଇଥିଲା। ରାବଣ, "ମହାନାୟକ," ଯିଏ ବିବାଦ, ସଂଘର୍ଷ ଏବଂ ଯୁଦ୍ଧ ମାଧ୍ୟମରେ ମୋକ୍ଷ ହାସଲ କରିବାକୁ ଚେଷ୍ଟା କରିଥିଲା। ସେ ହେଉଛନ୍ତି ସର୍ବଶକ୍ତିମାନ ରାଜା ଯିଏ ବିଭିନ୍ନ ନକରାତ୍ମକ ତଥା ମନ୍ଦ ଗୁଣର ଅଧିକାରୀ, ବିରଳ ସାହସ, ଅଖଣ୍ଡତା ଏବଂ ଦୁଃସାହସିକତା ପ୍ରଦର୍ଶନ କରିଥିଲେ। ଚମତ୍କାର ପୋଷାକ, ସ୍ମରଣୀୟ ସଂଗୀତ ଏବଂ ଉତ୍କୃଷ୍ଟ ନୃତ୍ୟ ସୃଜନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଏହି ଉପସ୍ଥାପନାକୁ ବର୍ଣ୍ଣିତ କରାଯାଇଥିଲା। ଏହି ନୃତ୍ୟାଭିନୟରେ ଅଂଶଗ୍ରହଣ କରିଥିବା ନୃତ୍ୟଶିଳ୍ପୀ ମାନେ ହେଲେ ରାଜଶ୍ରୀ ପ୍ରହାରାଜ, ରିତୁ ସେନଗୁପ୍ତା, ଐଶ୍ୱର୍ଯ୍ୟା ସିଂଦେବ, ସିପ୍ରା ସ୍ୱାଇଁ, ପ୍ରୀତିଶା ମହାପାତ୍ର, ମାଧବୀ ରାଉତ, ଡାଏନା ଘୋଷ, ଆଲିଶା ଧଳ, ସଞ୍ଜୟ କୁମାର ବେହେରା ଏବଂ ଜି ସଞ୍ଜୟ। ଶିଳ୍ପୀମାନେ ପ୍ରତ୍ୟେକ ଚରିତ୍ର ଦୃଢତା ଏବଂ ପରିପକ୍ୱତା ସହିତ ଅଭିନୟ କରିଥିଲେ। ଏହି ନୃତ୍ୟଟିକୁ ସଂରଚନା କରିଥିଲେ ନିଜେ ଗୁରୁ ରତିକାନ୍ତ ମହାପାତ୍ର। ଦେବୀପ୍ରସାଦ ମିଶ୍ରଙ୍କ କୁଶଳୀ ତଥା ଭିନ୍ନ ଆଲୋକ ଡିଜାଇନ୍ ଏବଂ ଶ୍ରୀ ସି ଆନନ୍ଦ କୃଷ୍ଣଙ୍କ ନିରବିହୀନ ସାଉଣ୍ଡ ଇଞ୍ଜିନିୟରିଂ ନୃତ୍ୟାଭିନୟଟିକୁ ଚିତାକର୍ଷକ କରିଥିଲା। ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଡଃ. ମୃତ୍ୟୁଞ୍ଜୟ ରଥ ଓ ଅନୁଜା ତାରିଣୀ ମିଶ୍ର।



## ୧୦ ବର୍ଷ ଧରି ପୁଲିସ ଶୁଣୁନି, ବିଲ୍ଡରଙ୍କ ଠାରୁ ଘର ଲାଗି ଦେଇଥିବା ଟଙ୍କା ଫେରିପାଉନଥିବାରୁ ଆତ୍ମାହୁତି ଦେବେ ବରିଷ୍ଠ ନାଗରିକ

ରାଉରକେଲା, ୯।୯(ପି.ଏନ): ୧୦ ବର୍ଷ ତଳେ ନିଜର ସ୍ୱପ୍ନର ଘର ଖଣ୍ଡେ ଲାଗି ଖୋର୍ଦ୍ଧା ଅଂଚଳରେ ଯାଗା ଖଣ୍ଡେ ଲାଗି ୭ ଲକ୍ଷ ୩୦ ହଜାର ଦେଇ ମନ ପସନ୍ଦର ଯାଗା ନପାଇବାରୁ ଟଙ୍କା ଫେରସ୍ତ ଲାଗି ବିଲ୍ଡରଙ୍କ ଠାରୁ ନ୍ୟାୟଳୟ ଯାଏ ଦଉଡି ଦଉଡି ନୟାନ୍ତ ହୋଇଥିବା ଜଣେ ବରିଷ୍ଠ ନାଗରୀକ କୋର୍ଟଙ୍କ ଆଦେଶ ସତ୍ୱେ ପୁଲିସିର ଅସହଯୋଗ ଦେଖି ଶେଷରେ ବିଧାନସଭା ଆଗରେ ଆତ୍ମାହୁତି ଦେବାକୁ ନିଷ୍ପତି ନେଇଛନ୍ତି। ସେ ହେଉଛନ୍ତି ଛେଣ୍ଡ କଲୋନୀ ବାସିନ୍ଦା ଓ ଆରଏସପିର ଅବସରପ୍ରାପ୍ତ କର୍ମଚାରୀ ଅର୍ଜୁନ ଚନ୍ଦ୍ର ସାହୁ। ଆଜି ରାଉରକେଲାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାହୁ କହିଛନ୍ତି, ୨୦୦୯ରେ ଗଣପତି ଇଷ୍ଟକନ ପ୍ରାଇଭେଟ ଲିମିଟେଡ ନାମକ ଏକ ସଂସ୍ଥା ଯାହାର ଅଫିସ ସହିଦନଗର ଭୁବନେଶ୍ୱର ଠାରେ ରହିଛି ଓ ତାର ପରିଚାଳନା ନିର୍ଦ୍ଦେଶକ ଚିନ୍ମୟ କୁମାର ଦାସ, ଏକ ବିଗ୍ୟାପନ ମାଧ୍ୟମରେ ଭୁବନେଶ୍ୱର ମଂଚନାଥ ବିହାର ଅଂଚଳରେ ୨ ହଜାର ସ୍କୋଆରଫିଟ ଯାଗା ଦେବାକୁ ପ୍ରଚାର କରିଥିଲେ। ସେହି ବିଗ୍ୟାଂପନକୁ ଆଧାର କରି ଅର୍ଜୁନ ତାଙ୍କ ପୁଅଙ୍କ ନାମରେ ଆବେଦନ କରି ଯାଗା ଦେଖିଥିଲେ। ପରେ ୭ ଲକ୍ଷ ୩୦ ହଜାର ଟଙ୍କା ସେହି ଯାଗା ଲାଗି ଦେଇଥିଲେ। ତେବେ ଯାଗା ନେବା ବେଳକୁ ତାଙ୍କୁ ଅନ୍ୟ ଏକ ଯାଗା ଦିଆଜିବାରୁ ସେଥିରେ ସେ ଅମଂଗ ହୋଇ ନିଜ ଟଙ୍କା ଫେରାଇ ନେବାକୁ ଚାହିଁବାରୁ ବାଦ ବିବାଦ ପରେ ଏହି ବିଲ୍ଡର ସଂସ୍ଥା ଶ୍ରୀ ସାହୁଙ୍କୁ ୭ଲକ୍ଷ ୩୦ହଜାର ଟଙ୍କାର ଏକ ଚେକ ପ୍ରଦାନ କରିଥିଲେ। ହେଲେ ସେହି ଚେକ ବାଉନ୍ସ କରିଗଲା, ହେଲେ ବାବୁ ଚିନ୍ମୟ ମଧ୍ୟ ଆଉ ଧରା ଛୁଆଁ ଦେଲେନି। ପରେ ଶ୍ରୀ ସାହୁ ରାଉରକେଲାର ଏସଡିଜେଏମ କୋର୍ଟରେ ଦଫା ୧୩୮ ଅନୁଯାୟୀ ଏକ ମାମଲା ୧୫୧/୨୦୧୨ ରୁଜୁ କଲେ। ତାପରେ ଏମଡି ଶ୍ରୀ ଦାସ ଟଙ୍କା ଫେରାଇଦେବାକୁ କହି ନୀରବ ରହିଲେ। ମାନ୍ୟବର ଅଦାଲତଙ୍କ ପାଖରୁ ଏହାରି ଭିତରେ ବାଲିଅନ୍ତା ଥାନାକୁ ୯ଥର ୱାରେଂଟ ଗଲାଣି, ପୁଲିସି ଅଭିଯୁକ୍ତକୁ ଧରିବାରେ ବିଫଳ ହୋଇ କହୁଛି ଆମେ ଶ୍ରୀ ଦାସଙ୍କୁ ପାଉନୁ ଆପଣ ମାନେ ଖୋଜି ଆଣନ୍ତୁ। ଏହିଭଳି ନାନା ଅସୁବିଧା ଭିତରେ ଶ୍ରୀ ସାହୁ ନିଜର ଓପନ ହାର୍ଟ ସର୍ଜରୀ ଓ କ୍ୟାନ୍ସର ରୋଗରେ ପିଡିତ ହେଲେ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ମଧ ୨୦୧୯ରୁ ନିଜର ଦୁଖ ଜଣାଇଥିଲେ ହେଲେ କୌଣସି ଉତର ଆସିଲାନି କିମ୍ବା ଶ୍ରୀ ସାହୁ ସୁଫଳ ପାଇଲେ ନାହିଁ। ରାଉରକେଲା ଇସ୍ପାତ କାରଖାନାରୁ ଅବସର ନେଇ ଡାକ୍ତରଖାନା ସୁବିଧା ଲାଗି ଶ୍ରୀ ସାହୁ ଭୁବନେଶ୍ୱରରେ ଘରଖଣ୍ଡେ କରିବାକୁ ଚାହିଁଥିଲେ, ହେଲେ ତାଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଗଲା। ବରିଷ୍ଠ ନାଗରୀକ ହିସାବରେ ତାଙ୍କୁ ସରକାରଙ୍କର କୌଣସି ବିଭାଗରୁ ସହଯୋଗ ମିଳିଲା ନାହିଁ। ମାନ୍ୟବର ଅଦାଲତ ଅଭିଯୁକ୍ତକୁ ଗିରଫ ଲାଗି ୱାରେଂଟ ପାଠାଉଥିଲେ ମଧ୍ୟ ରାଜ୍ୟ ପୁଲିସି ବିଭାଗ ଅଧିନସ୍ଥ ବାଲିଅନ୍ତା ପୁଲିସି ଶୁଣିଲା ନାହିଁ, ତେଣୁ ଶ୍ରୀ ସାହୁ ଆଗାମୀ ବିଧାନସଭା ସମୟରେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଦେବାକୁ ସ୍ଥିର କରିଥିବା କହିଛନ୍ତି।

## କୋର୍ଟରେ ୫ ହଜାର ଟଙ୍କା ଲେଖାଏଁ ଦାଖଲ କରିବେ ବର୍ଷା-ଅନୁଭବ

ଭୁବନେଶ୍ୱର, ୯।୯(ପି.ଏନ): କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ଓ ପତ୍ନୀ ବର୍ଷା ପ୍ରିୟଦର୍ଶନୀ ପାରିବାରିକ ବିବାଦ ମାମଲାରେ ଉଭୟଙ୍କୁ ୫ ହଜାର ଲେଖାଏଁ ଟଙ୍କା ଜମା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କାରବାରରେ ଅଯଥା ବିଳମ୍ବ କରିଥିବାରୁ ଏହି ଟଙ୍କା ଦାଖଲ କରିବାକୁ କଟକ ଫ୍ୟାମିଲି କୋର୍ଟ ଦୁହିଁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୪ ତାରିଖ ସୁଦ୍ଧା ଉଭୟଙ୍କୁ ୫ ହଜାର ଲେଖାଏଁ ଟଙ୍କା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କୋର୍ଟ ଉଭୟ ବର୍ଷା ଓ ଅନୁଭବଙ୍କ ନୂଆ ପିଟିସନଙ୍କୁ ମଧ ଗ୍ରହଣ କରିଛନ୍ତି। ସାକ୍ଷ୍ୟ ଗ୍ରହଣ ପାଇଁ ବର୍ଷାଙ୍କ ଆବେଦନକୁ ଗ୍ରହଣ କରିଛନ୍ତି କୋର୍ଟ। ବିବାହ ସ୍ଥାନ ତଥ୍ୟରେ ସଂଶୋଧନ ପାଇଁ ଅନୁଭବଙ୍କ ଆବେଦନ ବି ଗ୍ରହଣ କରାଯାଇଛି। ବାରମ୍ବାର ତାରିଖ ସତ୍ୱେ ସାକ୍ଷ୍ୟଗ୍ରହଣ ପାଇଁ ଆସୁନଥିଲେ ବର୍ଷା। ଛାଡ଼ପତ୍ର ପିଟିସନରେ ବିବାହ ସ୍ଥାନ ବି ଭୁଲ୍ ଦେଇଥିଲେ ସାଂସଦ ଅନୁଭବ ମହାନ୍ତି।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଉଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ି ଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୱୀସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୂତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଦ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିଓ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ତେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ପାକିସ୍ତାନର ଇନଫର୍ମେସନ ଜିହାଦର ଷଡ଼ଯନ୍ତ୍ର

••••••••••ଡ. ସମନ୍ୱୟ ନନ୍ଦ••••••••••



ପାକିସ୍ତାନର ଏଜେଣ୍ଡା ହେଲା ଭାରତକୁ ଅସ୍ଥିର କରିବା। ଦୟନୀୟ ଆର୍ଥିକ ସ୍ଥିତିରେ ଥିବା ପାକିସ୍ତାନ ତା'ର ଲୋକଙ୍କୁ ଖାଇବାକୁ ନ ଦେଇ ପାରି କାଙ୍ଗାଳ ହେବାକୁ ବସିଲେ ସୁଦ୍ଧା ଭାରତକୁ ଅସ୍ଥିର କରିବାକୁ ତାର ଏଜେଣ୍ଡା ଜାରୀ ରଖିଛି। ପାକିସ୍ତାନ ଭାରତକୁ ଅସ୍ଥିର କରିବାକୁ ଭାରତର ଲୋକମାନଙ୍କୁ ପରସ୍ପର ବିରୁଦ୍ଧରେ ଲଢେଇ କରାଇବା, ସେମାନଙ୍କ ମଧ୍ୟରେ କଟୁତା ଉତ୍ପନ୍ନ କରିବା ଦିଗରେ ଲଗାତାର କାର୍ଯ୍ୟ କରି ଆସୁଛି। କିଛି ମୁଷ୍ଟିମେୟ ଲୋକଙ୍କୁ ଧରି ଖଲିସ୍ତାନ ନାମରେ ଶିଖମାନଙ୍କୁ ଦେଶରୁ ଅଲଗା କରିବାକୁ ସେ ଲଗାତାର ପ୍ରୟାସ କରି ଆସିଛି। ହେଲେ ଶିଖମାନେ ପାକିସ୍ତାନର ଏହି ଏଜେଣ୍ଡାକୁ ଭଲ ଭାବେ ବୁଝିଛନ୍ତି। ତେଣୁ ୮୦ ଦଶକରେ ଆଇଏସଆଇ ସମ୍ପୂର୍ଣ୍ଣ ପଂଜାବରେ ଆତଙ୍କବାଦର ନିଆଁ ଲଗାଇଥିଲା। ହେଲେ ସାଧାରଣ ଲୋକଙ୍କ ସମର୍ଥନ ଅଭାବରୁ ସେଥିରେ ସେ ସଫଳ ହୋଇପାରି ନ ଥିଲା। ଏବେ ମଧ୍ୟ ଯଦା କଦା ସେମାନେ ଖଲିସ୍ତାନର କଥା ଉଠାଇଥାନ୍ତି। କାନାଡା ପରି ଦେଶମାନଙ୍କରେ ଏହାକୁ ନେଇ କେବେ କେବେ ଧାରଣା ପ୍ରଦର୍ଶନ ମଧ୍ୟ କରିଥାନ୍ତି। ହେଲେ ପାକିସ୍ତାନ ଏହି ମାମଲାରେ ସଫଳ ହୋଇପାରିନାହିଁ। ତେବେ ଏହାସତ୍ତ୍ୱେ ପାକିସ୍ତାନ ତାର ଏହି ପ୍ରୟାସ ଛାଡିପାରିନାହିଁ। ଏହାକୁ ଲଗାତାର ଜାରୀ ରଖିଛି।

ପାକିସ୍ତାନ ଏବେ ଭାରତରେ ଲୋକମାନଙ୍କ ମଧ୍ୟରେ ବିବାଦ ବଢାଇବା ପାଇଁ ଅନେକ ପ୍ରକାର ନୂଆ ନୂଆ ଉପାୟ ଅବଲମ୍ବନ କରିବା ଆରମ୍ଭ କଲାଣି। ତାର ଏକ ଉଦାହରଣ ଏବେ ଦେଖିବାକୁ ମିଳିଛି।

ଭାରତ–ପାକିସ୍ତାନ କ୍ରିକେଟ ମ୍ୟାଚରେ ଭାରତ ପରାଜିତ ହୋଇଛି। ଖେଳରେ ଜୟ ପରାଜୟ ଲାଗି ରହିଥାଏ। ଏଥିରେ କିଛି ନୂଆ କଥା ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ ଏହି ପାକିସ୍ତାନ ଓ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଏହି ମ୍ୟାଚରେ ଭାରତର ପରାଜୟ ଓ ଏକ ଘଟଣାକୁ ନେଇ ଭାରତ ବିରୁଦ୍ଧରେ ଏକ ବଡ ଷଡଯନ୍ତ୍ର ଆରମ୍ଭ କରି ଦେଇଛି।

ଏହି ମ୍ୟାଚରେ ଅର୍ଶଦୀପ ସିଂହ ନାମକ ଜଣେ ନବାଗତ ଖେଳାଳୀ ମ୍ୟାଚରେ ଗୋଟିଏ କ୍ୟାଚ ହାତଛଡା କରି ଦେଇଥିଲେ। ଖେଳରେ ଏପରି ହୋଇଥାଏ। ସମର୍ଥକ ଦର୍ଶକମାନେ ମଧ୍ୟ ଏଥିପ୍ରତି ଅସନ୍ତୋଷ ପ୍ରକାଶ କରିଥାନ୍ତି। ଏଥିରେ କିଛି ନୂଆ କଥା ନାହିଁ। ହେଲେ ଅର୍ଶଦୀପଙ୍କ ମାମଲାରେ ପାକିସ୍ତାନରୁ ଏକ ଭୟଙ୍କର ଇନଫର୍ମେସନ ଜିହାଦ ଆରମ୍ଭ କରାଯାଇଛି। ପାକିସ୍ତାନର କିଛି ଟ୍ୱିଟର ହ୍ୟାଣ୍ଡେଲରୁ ଅପପ୍ରଚାର କରାଯାଉଛି ଯେ ଭାରତର ଲୋକମାନେ ଅର୍ଶଦୀପଙ୍କୁ ଖଲିସ୍ତାନୀ ବୋଲି କହି ସୋସିଆଲ ମିଡିଆରେ ଗାଳିଗୁଲଜ କରୁଛନ୍ତି। ସେ ଖଲିସ୍ତାନୀ ହୋଇଥିବାରୁ ଏହି କ୍ୟାଚ ଛାଡିଛନ୍ତି ବୋଲି ଏହି ଟ୍ୱିଟମାନଙ୍କରେ କୁହା ଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏହି ଟ୍ୱିଟର ହ୍ୟାଣ୍ଡେଲଗୁଡିକର ନାମ ହିନ୍ଦୁମାନଙ୍କର ନାମରେ ରହିଛି। ଏହି ପୋଷ୍ଟଗୁଡିକ ପାକିସ୍ତାନରୁ କରାଯାଇଛି ବୋଲି ସାଧାରଣ ଭାବେ କେହି ଜାଣିପାରିବେ ନାହିଁ।

ବାସ୍ତବରେ ଭାରତର କୌଣସି ଖେଳାଳୀ ଭଲ ପ୍ରଦର୍ଶନ କଲେ ତାଙ୍କୁ ଦର୍ଶକମାନେ ପ୍ରଶଂସା କରିଥା'ନ୍ତି। ସେହିପରି ଖରାପ ପ୍ରଦର୍ଶନ କଲେ ତାଙ୍କ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଥା'ନ୍ତି। ହେଲେ ଏଇ ପୂରା ପ୍ରକରଣରେ ଖଲିସ୍ତାନ କେଉଁଠୁ ଆସିଲା?

କିଛି ସମୟ ମଧ୍ୟରେ ଏହି ବିଷୟ ସୋସିଆଲ ମିଡିଆରେ ଟ୍ରେଣ୍ଡ କରିବା ଆରମ୍ଭ କରିଦେଲା। ଏହାପରେ ପାକିସ୍ତାନୀ ଟ୍ୱିଟର ହ୍ୟାଣ୍ଡେଲମାନଙ୍କର କାମ ଶେଷ ହେଲା। ଏହାପରେ ପାକିସ୍ତାନର ଭାରତରେ ଥିବା ଇକୋ ସିଷ୍ଟମର ଲୋକମାନଙ୍କର କାମ ଆରମ୍ଭ ହୋଇଥିଲା। ସବୁବେଳେ ଇସଲାମୀ ଏଜେଣ୍ଡା ଓ ହିନ୍ଦୁ ବିରୋଧକୁ ପ୍ରୋତ୍ସାହନ ଦେଉଥିବା ଅନେକ ଲୋକ ଏହି ପ୍ରସଙ୍ଗରେ ଟ୍ୱିଟ କରିବା ଆରମ୍ଭ କରିଦେଲେ। ସେମାନେ ଟ୍ୱିଟ କରି କହିଲେ ଯେ ଭାରତରେ ଏବେ ଶିଖମାନଙ୍କୁ ଖଲିସ୍ତାନୀ ବୋଲି କହିବା ଆରମ୍ଭ କରି ଦେଲେଣି। ଭାରତରେ ହିନ୍ଦୁମାନେ ଏବେ ଏପରି ହୋଇଗଲେଣି।

ପ୍ରଥମେ ପାକିସ୍ତାନରୁ ଏହି ଇନଫର୍ମେସନ ଜିହାଦ ଆରମ୍ଭ ହୋଇଥିଲା। ପରେ ଭାରତରେ ବସିଥିବା ପାକିସ୍ତାନୀ ଇକୋ ସିଷ୍ଟମର ଲୋକମାନେ ଏହି କଥାକୁ ଆଗକୁ ବଢାଇବା ପରେ କିଛି ଭାରତୀୟ ମଧ୍ୟ ଆଇଏସଆଇର ଗେମ୍ ପ୍ଲାନ ସମ୍ପର୍କରେ ନ ବୁଝି ଅଜାଣତରେ ଏହାଉପରେ ପ୍ରତିକ୍ରିୟା ଦେବା ଆରମ୍ଭ କରିଦେଲେ। ଏପରି କରିବା ବେଳେ ସେମାନେ ବୁଝିପାରୁ ନ ଥିଲେ ଯେ ସେମାନେ ଅଜାଣତରେ ଆଇଏସଆଇର ଷଡ଼ଯନ୍ତ୍ରର ଜାଲରେ ଫସି ଯାଇଛନ୍ତି।

ପାକିସ୍ତାନ ଓ ଏହାର ଗୁଇନ୍ଦା ସଂସ୍ଥା ଭାରତକୁ କେବଳ ତାଲିମ ଦେଇ ଆତଙ୍କବାଦୀଙ୍କୁ ପଠାଏ ନାହିଁ। ଭାରତର ଲୋକମାନଙ୍କ ମଧ୍ୟରେ ଏକତା ନଷ୍ଟ କରିବା, ଜଣଙ୍କୁ ଅନ୍ୟ ଜଣଙ୍କ ବିରୁଦ୍ଧରେ ଉସୁକାଇବା, ତିକ୍ତତା ସୃଷ୍ଟି କରିବା ପାଇଁ ବିଭିନ୍ନ ପ୍ରକାର ଉପାୟ କରେ। ଏବେ ସୋସିଆଲ ମିଡିଆ ଏଭଳି କରିବାର ସବୁଠାରୁ ବଡ ମାଧ୍ୟମ। କାରଣ ଏଇଥିରେ ନାମ ବଦଳାଇ କେଉଁଠାରୁ ହେଲେ ସୋସିଆଲ ମିଡିଆରେ ପୋଷ୍ଟ କରି ତାକୁ ଭାରତରୁ ପୋଷ୍ଟ କରାଯାଉଛି ବୋଲି କୁହାଯାଇପାରିବ। ପାକିସ୍ତାନ ଠିକ୍ ଏଇଆ କରି ଭାରତ ବିରୁଦ୍ଧରେ ଇନଫର୍ମେସନ ଜିହାଦ ଚଳାଇଛି। ତେଣୁ ପ୍ରତ୍ୟେକ ଭାରତୀୟକୁ ପାକିସ୍ତାନ ଓ ଆଇଏସଆଇର ଏହି ଭୟଙ୍କର ଷଡଯନ୍ତ୍ରକୁ ବୁଝିବାକୁ ପଡିବ।

# ସଡ଼କରେ ମୁଣ୍ଡ ନେଉଛି ମୋବାଇଲ !



ଆଜିର ସମୟକୁ ଦେଖିଲେ ଲାଗୁଛି ଯେପରି ମୋବାଇଲ ହେଉଛି ଜୀବନର ମୁଖ୍ୟ ଅବଲମ୍ବନ। ରାସ୍ତାରେ ଚାଲିକି ଯାଉଥିବା ଲୋକ ହୁଅନ୍ତୁ ବା ସାଇକେଲ ଆରୋହୀ, ତେବେ ଉଦ୍‌ବେଗଜନକ ଘଟଣା ହେଉଛି ବାଇକ ହେଉ ବା କାର, ବସ ହେଉ ବା ଟ୍ରକ ମୋବାଇଲ ବ୍ୟବହାର କରି ଗାଡ଼ି ଚାଳନା ଯାହାପାଇଁ ଦୁଃଖଦ ଘଟଣାକ୍ରମରେ ଅଭାବନୀୟ ଗାଡ଼ି ଦୁର୍ଘଟଣା ସଡ଼କକୁ ରକ୍ତାକ୍ତ କରିଦେଉଛି। ଆଖି ପିଛୁଳାକେ କେବଳ ଗାଡ଼ି ଆରୋହୀର ଜୀବନ ଯାଉନି ତାଙ୍କ ପାଇଁ ଅନ୍ୟ ମାନଙ୍କ ଧନଜୀବନ ଅକାଳରେ ଚଡ଼କ ସଦୃଶ। ଗାଡ଼ି ଚଳାଇବା ସମୟରେ ଫୋନ ବ୍ୟବହାର ଅତି ବିପଜ୍ଜନକ। ଆଖି ପିଛୁଳାକେ ଜୀବନ ଯିବାର ଭୟ ଅଛି। ଅତି ଜରୁରୀ ଥିଲେ ଗାଡ଼ି ରଖିବା ପରେ ଫୋନ ବ୍ୟବହାର କରିବାକୁ ପୁଲିସ ଓ ପରିବହନ ବିଭାଗ ପରାମର୍ଶ ଦେଉଛି। ଏଥିପାଇଁ ଛକ ଛକରେ ସତର୍କତାମୂଳକ ବାର୍ତ୍ତା ଲେଖା ଯାଇଛି। ଏହା ସତ୍ତ୍ୱେ ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା ଲୋକମାନେ ଛାଡୁନାହାନ୍ତି। ପରିଣାମ ସ୍ୱରୂପ ଶତାଧିକ ଲୋକଙ୍କ ଜୀବନ ଅକାଳରେ ଚାଲି ଯାଉଛି। ଯେତିକି ଲୋକ ପ୍ରାଣ ହରାଉଛନ୍ତି ତା ଠାରୁ ଅଧିକ ଲୋକ ଗୁରୁତର ଆହତ ହେଉଛନ୍ତି। ଅନେକ ଆହତ ବ୍ୟକ୍ତି ସାରା ଜୀବନ ପାଇଁ ଅକର୍ମଣ୍ୟ ହୋଇଯାଉଛନ୍ତି। ପରିବହନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୨୧ରେ କେବଳ ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର କରିଥିବା ଯୋଗୁଁ ୩୫୨ଟି ସଡ଼କ ଦୁର୍ଘଟଣା ଘଟିଛି ଏବଂ ଏଥିରେ ୧୨୬ ଜଣ ପ୍ରାଣ ହରାଇଛନ୍ତି। ସେହିପରି ୩୫୫ ଜଣ ଗୁରୁତର ଆହତ ହୋଇଛନ୍ତି।

ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାରକୁ ରୋକିବା ପାଇଁ ସୁପ୍ରିମ କୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ବାରମ୍ବାର ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ରେ ମୋବାଇଲ ଫୋନ ବ୍ୟବହାର ପାଇଁ ୨୯୭ ସଡ଼କ ଦୁର୍ଘଟଣା ଘଟିଥିଲା। ସେଥିରେ ୧୨୦ ଜଣ ପ୍ରାଣ ହରାଇଥିଲେ। ଓଡ଼ିଶାରେ ସମୁଦାୟ ୯୦% ସଡ଼କ ଦୁର୍ଘଟଣା ବେପରୁଆ ପ୍ରକୃତି ପାଇଁ ଘଟୁଛି। ୨୦୧୭ ବେଳକୁ ମୋବାଇଲ ଫୋନ ବ୍ୟବହାର ପାଇଁ ସଡ଼କ ଦୁର୍ଘଟଣାରେ ଓଡ଼ିଶା ସର୍ବଭାରତୀୟସ୍ତରରେ ତୃତୀୟ ସ୍ଥାନରେ ଥିଲା। ୨୦୧୬ ଏପ୍ରିଲ ୧୭ ତାରିଖରେ ଦେବଗଡ଼ ଜିଲ୍ଲାରେ ଏକ ବସ ଦୁର୍ଘଟଣାରେ ଏକ ଅପେରା ପାର୍ଟିର ୨୭ଜଣ କଳାକାର ପ୍ରାଣ ହରାଇଥିଲେ। ସେହିବର୍ଷ ସେପ୍ଟେମ୍ବର ୯ ତାରିଖରେ ଅନୁଗୁଳର ଆଠମଲ୍ଲିକ ଠାରେ ଗୋଟିଏ ବସ ପୋଲ ତଳକୁ ଖସି ପଡ଼ିବାରୁ ୧୯ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ଉଭୟ ମାମଲାରେ ବସ ଚାଳକ ଗାଡ଼ି ଚାଳକ ମୋବାଇଲ ଫୋନ ବ୍ୟବହାର କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଗାଡ଼ି ଚାଳକ ମୋବାଇଲ ଫୋନ ବ୍ୟବହାର କରୁଥିବା ନେଇ ଜନସାଧାରଣ ଅଭିଯୋଗ କରିବା ନିମନ୍ତେ ପରିବହନ ବିଭାଗ ପକ୍ଷରୁ ଏକ ଟୋଲ ଫ୍ରି ନମ୍ବର ଜାରି କରାଯାଇଛି। ହେଲେ ସଚେତନତା ଅଭାବରୁ ଅଭିଯୋଗ ସଂଖ୍ୟା କମ ରହିଛି। ତେବେ ବଡ଼ ବଡ଼ ମହାନଗରରେ ଜନସାଧାରଣ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଫଟୋ ଉଠାଇ ପରିବହନ କିମ୍ବା ପୁଲିସ ବିଭାଗକୁ ଟ୍ୱିଟ କରୁଛନ୍ତି। ଫଳରେ ନିୟମ ଖିଲାପକାରୀଙ୍କୁ ଚାଲାଣ କଟାଯାଇ ପାରୁଛି। ହେଲେ ଓଡ଼ିଶାରେ ସେପରି ଘଟଣା ନଗଣ୍ୟ ରହିଛି। ବର୍ତ୍ତମାନ ସମୟରେ ମୋବାଇଲ ଫୋନ ସମସ୍ତଙ୍କ ପାଇଁ ଏକ ଜରୁରୀ ସାମଗ୍ରୀ ହୋଇଛି। କିନ୍ତୁ ଅସମୟରେ ବ୍ୟବହାର କେତେ ଘାତକ ତାହା ପରିବହନ ବିଭାଗର ଉପରୋକ୍ତ ତଥ୍ୟରୁ ସ୍ପଷ୍ଟ ହୋଇଯାଇଛି।

ଦିନକୁ ଦିନ ସଡ଼କ ଦୁର୍ଘଟଣା ଯେଉଁପରି ଭାବରେ ବଢ଼ି ଚାଲୁଛି ତାହା ଆଜିର ସମୟ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଘଟଣାବଳୀ। ଜଣେ ଘରୁ ବାହାରିବା ପରେ ସୁରକ୍ଷିତ ଭାବେ ଯେ ଘରକୁ ଫେରିବ ତାହାର ଗ୍ୟାରେଣ୍ଟି ସେ ନିଜେ ବି ପାଇପାରିବ ନାହିଁ। ଅତିଶସ୍ତାରେ ମୋବାଇଲ ହାତ ପାହାନ୍ତାରେ ମିଳିଯାଉଥିବାରୁ, ଦ୍ୱିତୀୟତଃ କାନରେ ଇୟର ଫୋନ ଲଗାଇ ଗପି ଗପି ଗାଡ଼ି ଚଳାଇବା ମଧ୍ୟ ଅତ୍ୟନ୍ତ ବିପଦଜନକ ମାନସିକତା। ନିୟମିତ ବ୍ୟବଧାନରେ ରାଜ୍ୟ ସଡ଼କ ପରିବହନ ବିଭାଗ ଏପରି ଆଇନ ଖିଲାପକାରୀ ମାନଙ୍କ ପାଇଁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ବ୍ୟବସ୍ଥା କରୁଛନ୍ତି। ତେବେ ଏ କ୍ଷେତ୍ରରେ ଦଣ୍ଡ ପାଇବା ପୂର୍ବରୁ ପ୍ରଶ୍ନ ଉଠୁଛି ଆମେ ସଚେତନତା ନ ହେବା କ'ଣ ପାଇଁ? ସବୁ ସଚେତନତାକୁ ସରକାର ଓ ପ୍ରଶାସନ ଉପରେ ଲଦି ଦେଲେ ଚଳିବ ନାହିଁ। ଏ କ୍ଷେତ୍ରରେ ଆମ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେବଳ ସଡ଼କକୁ ସୁରକ୍ଷିତ ରଖିବା ନୁହେଁ ନିଜର ମୂଲ୍ୟବାନ ଜୀବନକୁ ବଞ୍ଚାଇ ରଖି ନିଜ ପରିବାର ଓ ସମାଜ ପାଇଁ ଜଣେ ଯଥାର୍ଥ ଦାୟିତ୍ୱବାନ ମଣିଷଟି ବୋଲି କର୍ତ୍ତବ୍ୟ ନିର୍ବାହ ନିଶ୍ଚିତ ଭାବେ ଜୀବନ ଧର୍ମ।

**ନାଟ୍ୟସାରଥି ଅଭୟ କୁମାର ଦାସ**
*ଗୋଡରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# ଡି.ଏ.ଭି କଳିଙ୍ଗ ନଗରଠାରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ




ଭୁବନେଶ୍ୱର (ପିଏନ୍)– ଡି,ଏ,ଭି କଳିଙ୍ଗ ନଗରଠାରେ ଅନ୍ତର୍ଜାତୀୟ ସକ୍ଷରତା ଦିବସ ସାହିତ୍ୟର ଗୁଣଗାନ ମଧ୍ୟରେ ତଥା ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇଯାଇଛି । ଏହି ଅବସରରେ ଲେଖକ ତଥା ମାର୍ଗଦର୍ଶକ ଡ. ଗୋପରଞ୍ଜନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମନୁଷ୍ୟ ତା'ର ଭାବନାର ପରିପ୍ରକାଶ କରିପାରିଲେ ଭବିଷ୍ୟତରେ ଏକ ଉତ୍ତମ ଲେଖକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏଥିସହିତ ଡ. ମିଶ୍ର ମାତୃଭାଷାର ଉନ୍ନତି, ନିଜର ଚିନ୍ତାଧାରକୁ ଲିପିବଦ୍ଧ କରିବା ପାଇଁ ଏକ ନିଜସ୍ୱ ଡାଏରୀର ଆବଶ୍ୟକତା ଉପରେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟର ଚେୟାରମ୍ୟାନ୍ ମଦନମୋହନ ପଣ୍ଡା ମନୁଷ୍ୟ ଜୀବନରେ ଭାଷା ଓ ସାହିତ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିବା ସହ ଚାରିଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଡି.ଏ.ଭି ସାହିତ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ସ୍ୱରଚିତ କବିତା, କ୍ଷୁଦ୍ରଗଳ୍ପ ଇତ୍ୟାଦି ପାଠ କରିଥିଲେ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଡି.ଏ.ଭି କଲେଜ୍ ମ୍ୟାନେଜିଙ୍ଗ୍ କମିଟିର ନିର୍ଦ୍ଦେଶିକା ମ୍ୟାଡମ୍ ନିଶା ପେଶିନ୍‌ଙ୍କ ଦ୍ୱାରା ରଚିତ ପୁସ୍ତକ "ଲେଟ୍ ଦେମ୍ ଫ୍ଲାଏ" ପୁସ୍ତକର ସାରମର୍ମ ବିଭିନ୍ନ ଭାଷା ମାଧ୍ୟମରେ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କ୍ୟାରିଅର୍ ଅପ୍‌ସନ୍ ଇନ୍ ଲିଟ୍‌ରେଚର୍ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଅତିଥି ତଥା ଶିକ୍ଷକ/ଶିକ୍ଷୟିତ୍ରୀ ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

## ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାରେ ୧୩ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଜାରକା ନିକଟରେ ଏକ ତୀର୍ଥଯାତ୍ରୀ ବସ ଦୁର୍ଘଟଣାରେ ୧୩ଜଣ ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ପଶ୍ଚିମବଙ୍ଗର ନଦିଆ ଅଂଚଳରୁ ଡବ୍ଲ୍ୟୁବି–୫୭–ସି–୮୭୭ ନମ୍ବର ବସରେ ୫୦ରୁ ଉର୍ଦ୍ଧ ତୀର୍ଥଯାତ୍ରୀ ପୁରୀକୁ ଯାଉଥିବା ବେଳେ ଗତକାଲି ଭୋର ସମୟରେ ଜାରକା ନିକଟରେ ୧୬ ନମ୍ବର ଜାତୀୟ ରାଜପଥ କଡରେ ଛିଡା ହୋଇଥିବା ଏକ ଟ୍ରକ ପଛରେ ପିଟି ହୋଇଯାଇଥିଲା। ଫଳରେ ବସ୍‌ରେ ବସିଥିବା ୧୩ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଆହତମାନଙ୍କୁ ଉକ୍ତ ବସ୍‌ରେ ଧର୍ମଶାଳା ମେଡିକାଲ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ବସଟି ସମସ୍ତ ଯାତ୍ରୀଙ୍କୁ ନେଇ ପୁରୀ ଅଭିମୁଖେ ଯାଇଥିବା ଜଣାପଡିଛି। ତେବେ ଏ ସମ୍ପର୍କରେ ପୁଲିସ ନିକଟରେ କୌଣସି ଅଭିଯୋଗ ହୋଇନଥିବା ଜଣାଯାଇଛି ।

# ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରୁ କ୍ୟୁଆରଏସଏଆମ୍ ମିଜାଇଲର ସଫଳ ପରୀକ୍ଷଣ

ବାଲେଶ୍ୱର (ପିଏନ୍)–ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ସେନା ମିଳିତ ଭାବେ ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟିରୁ କୁଇକ୍ ରିଆକ୍ସନ ସରଫେସ୍ ଟୁ ଏଆରମିସାଇଲ (କ୍ୟୁଆରଏସଏଆମ୍) ବ୍ୟବସ୍ଥାର ପରୀକ୍ଷଣକୁ ସଫଳତାର ସହ ସମାପ୍ତ କରିଛନ୍ତି। ବର୍ତ୍ତମାନ ଏହା ଭାରତୀୟ ସେନାରେ ସାମିଲ ହେବାପାଇଁ ପ୍ରସ୍ତୁତ ହୋଇଛି। ଆକାଶରେ ଆସିଥିବା ଦ୍ରୁତଗାମୀ ଲକ୍ଷ୍ୟଭେଦ ବିରୁଦ୍ଧରେ ଏହି ପରୀକ୍ଷା କରାଯାଇଥିଲା। ଯେଉଁଥିରେ ଦୂରଗାମୀ, ମଧ୍ୟମ ଉଚ୍ଚତା, ସ୍ୱଳ୍ପ ଦୂରତା, ଅଧିକ ଉଚ୍ଚତାରେ ଲକ୍ଷ୍ୟକୁ ପରିଚାଳନା, କମ୍ ଉଚ୍ଚତାରେ ରାଡ଼ାର ଦ୍ୱାରା ଏହାକୁ ଠାବ କରିବା ସହିତ ଲକ୍ଷ୍ୟଭେଦ ଏବଂ ସାମୂହିକ ଭାବେ ୨ଟି କ୍ଷେପଣାସ୍ତ୍ରକୁ କ୍ରମାଗତ ଭାବେ ଛଡ଼ାଯାଇଥିଲା। ଆଇଟିଆର ଦ୍ୱାରା ନିୟୋଜିତ ଟେଲିମେଟ୍ରି, ରାଡ଼ାର ଏବଂ ଇଲେକ୍ଟ୍ରୋ ଓପଟିକାଲ ଟ୍ରାକିଙ୍ଗ ସିଷ୍ଟମ ପରି ଅନେକ ଯନ୍ତ୍ରାଂଶ ଦ୍ୱାରା ଏକତ୍ର ହୋଇଥବା ତଥ୍ୟରୁ ଏହାର କାର୍ଯ୍ୟଦକ୍ଷତା ବିଚିତ୍ର ହୋଇଛି। କ୍ୟୁଆରଏସଏଆମ ଅସ୍ତ୍ର ପ୍ରଣାଳୀର ସ୍ୱତନ୍ତ୍ରତା ହେଉଛି ଏହା ସର୍ଚ୍ଚ ଏବଂ ଟ୍ରାକ ସାମର୍ଥ୍ୟ ଅଳ୍ପ ସମୟରେ ଉତ୍‌କ୍ଷେପଣ ହୋଇପାରିବ। ଏହି ଉତ୍‌କ୍ଷେପଣ ସମୟରେ ଡିଆରଡିଓ ଭାରତୀୟ ସେନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଗୋକର୍ଣ୍ଣେଶ୍ୱର ବ୍ରାହ୍ମଣୀ ବ୍ରିଜ ନିକଟରେ ଗତକାଲି ପୂର୍ବାହ୍ନରେ ବାଇକ ଦୁର୍ଘଟଣାରେ ଜଣେ ଆହତ ହୋଇଥିବା ଜଣାପଡିଛି । ଆହତ ଜଣକ କୁଆଖିଆ ଅଂଚଳର ଦେବେନ୍ଦ୍ର ପରିଡ଼ା (୪୮) ବୋଲି ଜଣାପଡିଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଛାଡିଦିଆଯାଇଥିବା ଜଣାଯାଇଛି।

# +୩ ପ୍ରଥମ ପର୍ଯ୍ୟାୟର ଦ୍ୱିତୀୟ ଦିନରେ ନାମ ଲେଖାଇଲେ ୨୨୦ଛାତ୍ରଛାତ୍ରୀ

ଧର୍ମଶାଳା (ପିଏନ୍): ରାଜ୍ୟ ଡିଗ୍ରୀ କଲେଜ ଗୁଡିକରେ ନାମଲେଖା ପାଇଁ ଗତକାଲି ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବା ସହ ନାମଲେଖା ପାଇଁ ସୂଚନା ଦିଆଯାଇଥିଲା । ଧର୍ମଶାଳା ବ୍ଲକରେ ୫ଟି ଡିଗ୍ରୀ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ନାମ ଲେଖାଇବା ପାଇଁ ପ୍ରଥମ ଓ ଦ୍ୱିତୀୟ ଦିନରେ ୪୫୯ଜଣ ଛାତ୍ରଛାତ୍ରୀଙ୍କୁ ନାମଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଦ୍ୱିତୀୟ ଦିନ ସୁଦ୍ଧା ୨୨୦ଜଣ ନାମ ଲେଖାଇଛନ୍ତି । ଧର୍ମଶାଳା ଡିଗ୍ରୀ ମହାବିଦ୍ୟାଳୟର କଳାରେ ୭୨ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା ବେଳେ ୫୬ ଜଣ ନାମ ଲେଖାଇଛନ୍ତି। ସେହିପରି ବିଜ୍ଞାନରେ ୭୨ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୩୯ ଜଣ ଓ ବାଣିଜ୍ୟରେ ୨୪ ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୧୨ଜଣ ନାମ ଲେଖାଇଛନ୍ତି। ମୁକୁନ୍ଦପାତ୍ର ଡିଗ୍ରୀ କଲେଜରେ କଳାରେ ୬୪ଜଣଙ୍କୁ ନାମଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୩୪ଜଣ, ବିଜ୍ଞାନରେ ୫୭ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୨୪ଜଣ ନାମ ଲେଖାଇଛନ୍ତି । ଜେନାପୁର ଡିଗ୍ରୀ କଲେଜରେ କଳାରେ ୫୨ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୩୪ଜଣ ନାମ ଲେଖାଇଛନ୍ତି । ଜଗନ୍ନାଥଜିଉ ଡିଗ୍ରୀ କଲେଜରେ କଳାରେ ୩୩ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୫ ଜଣ ନାମଲେଖାଇଛନ୍ତି। ଧର୍ମଶାଳା ମହିଳା ଡିଗ୍ରୀ କଲେଜରେ ୮୬ ଜଣ ଛାତ୍ରୀଙ୍କୁ ସୂଚନା ଦିଆଯାଇଥିବା ବେଳେ ୨୧ଜଣ ନାମଲେଖାଇଥିବା କଲେଜର ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇବା ପାଇଁ ମନୋନିତ ଛାତ୍ରଛାତ୍ରୀମାନେ ଆସନ୍ତା ୧୧ ତାରିଖ ଅପରାହ୍ନ ୫ଟା ଯାଏ ନାମ ଲେଖାଇପାରିବେ।

# ହରିହର ଦାସଙ୍କୁ ତାଙ୍କ ଏକାଦଶାହରେ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍):– ପୂର୍ବତନ ଡାକବିଭାଗ ଅଧିକାରୀ, ନୀଳାଦ୍ରିବିହାର ଆବାସିକ ସଂଘର ପୂର୍ବତନ କର୍ମକ ୍ା, ସମାଜସେବୀ ସ୍ୱର୍ଗତଃ ହରିହର ଦାସଙ୍କୁ ତାଙ୍କ ଏକାଦଶାହ ଅବସରରେ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଉପଲକ୍ଷେ ନୀଳାଦ୍ରି ବିହାର ଦୁର୍ଗାପୂଜା ମଣ୍ଡପ ଠାରେ ବରିଷ୍ଠ ଆଇନଜିବୀ ତଥା ଆବାସିକ ସଂଘର ଉପଦେଷ୍ଟା ମନମୋହନ ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକ, ସାଂସ୍କୃତିକ ସଂପାଦକ ବଟକୃଷ୍ଣ ପଣ୍ଡା, ବରିଷ୍ଠ ସଭ୍ୟ ଗଦାଧର ରଥ, ନିରଞ୍ଜନ ସାହୁ, ଆବାସିକ ସଂଘର ସାଧାରଣ ସଂପାଦକ ଦେବେନ୍ଦ୍ର କୁମାର ପାତ୍ର, ସଭ୍ୟ ମିହିର କୁମାର ମିଶ୍ର. ଅରୁଣ କୁମାର ଦେ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ସ୍ୱର୍ଗତ ଆତ୍ମାର ଐଶ୍ୱରିକ ଶାନ୍ତି ପ୍ରାର୍ଥନା କରିଥିଲେ। ପ୍ରକାଶ ଥାଉକି ସ୍ୱର୍ଗତ ଦାସ ଅବସର ପରେ ନିଜକୁ ସମାଜସେବା, ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସହିତ ଜଡିତ ରହିବା ସହ ମା ଦୁର୍ଗାଙ୍କର ଆବାହନରେ ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କ ୍ାଭାବେ କାର୍ଯ୍ୟ କରି ଅ ଳରେ ବେଶ୍ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ସମାଜରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେବା ସହ ଏହା ଏକ ଅପୂରଣୀୟ କ୍ଷତି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିବା ସହ ଏକ ସ୍ମୃତି କମିଟି ଗଠନ ଓ ଏକ ସ୍ମରଣିକା ପ୍ରକାଶ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅ ଳର ବୁଦ୍ଧିଜିବୀ ତଥା ପରିବାର ଓ ଆତ୍ମୀୟ ସ୍ୱଜନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଆଧ୍ୟାତ୍ମିକ ସଂଗୀତ ପରିବେଷଣ ଓ ପ୍ରସାଦ ସେବନ ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଶେଷରେ ଦାସ ପରିବାର ତରଫରୁ ସମସ୍ତଙ୍କ ସଦୟ ଉପସ୍ଥିତ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ଭାରତ ଯୋଡ ଯାତ୍ରା ପରିପ୍ରେକ୍ଷୀରେ ରାଉରକେଲାରେ କଂଗ୍ରେସର ପଦଯାତ୍ରା

ରାଉରକେଲା (ପିଏନ୍): ଭାରତୀୟ ଜାତୀୟ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ତଥା ଜନମାନସର ପ୍ରିୟନେତା ରାହୁଲ ଗାନ୍ଧୀ କନ୍ୟାକୁମାରୀ ଠାରେ ଭାରତ ଯୋଡ ଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ଗତକାଲି ଏହି ଯାତ୍ରା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତ୍ତି ଅନୁଯାୟୀ ରାଉରକେଲା ସାଙ୍ଗଠନିକ ଜିଲ୍ଲାରେ ଏହି ପଦଯାତ୍ରା କରାଯାଇଥିଲା । ସକାଳ ୯ଟା ବେଳେ ଏହି ପଦଯାତ୍ରା ଡିଏଭି ଛକ ସ୍ଥିତ ମାଛ ମାର୍କେଟ ଠାରୁ ବାହାରି ଜେଲ ରୋଡ, ଆଇଟିଆଇ, କୋଏଲ ବ୍ୟାଙ୍କ, ରିଜର୍ଭ ପୋଲିସ୍ ଲାଇନ୍, ଗଙ୍ଗାଧରପାଲ୍ଲୀ ଓ ଏଫ୍‌ସିଆଇ ମଧ୍ୟଦେଇ ପୁନଶ୍ଚ ଡିଏଭି ଛକଠାରେ ସମ୍ପନ୍ନ ହୋଇଥିଲା । ଜିଲ୍ଲା କଂଗ୍ରେସର ଅ'ରୀଣ ଅଧ୍ୟକ୍ଷ ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପିସିସିର ପୂର୍ବତନ ସମ୍ପାଦକ ସବୀର ହୁସେନ ଓ ଗଣେଶ ପ୍ରଧାନ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ସରୋଜ ଲେଙ୍କା ଓ ରାଜେଶ ଟପ୍ପୋ, ଓବିସିର ରାଷ୍ଟ୍ରୀ ସହସଂଯୋଜକ କୈଳାସ ସାହୁ, ମୁଖପାତ୍ର ଗିରିଜା ଶଙ୍କର ମିଶ୍ର, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସୁଶୀଲ କିଣ୍ଡୋ, ଫିସରମ୍ୟାନ କଂଗ୍ରେସ ଅଧ୍ୟକ୍ଷ ସିଦ୍ଧେଶ୍ୱର ମଲ୍ଲିକ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ରଘୁ ଦାସ,ସୁନୀଲ ପଟ୍ଟନାୟକ, ଧୁସା ନାୟକ, ମହିଳା ରାଜ୍ୟ ସମ୍ପାଦିକା ଲତା ନାୟକ ପ୍ରମୁଖ ପଦଯାତ୍ରା ସମୟରେ ଭାରତ ଯୋଡ ଯାତ୍ରାର ଆଭିମୁଖ୍ୟ ସମ୍ପର୍କରେ ସାଧାରଣ ଲୋକଙ୍କୁ ଡାକବାଜି ଯନ୍ତ୍ର ଜରିଆରେ ସୂଚନା ଦେଥିବା ବେଳେ ପଥପାର୍ଶ୍ୱର ଲୋକମାନଙ୍କ ସହିତ ଭେଟି ସେମାନଙ୍କ ସୁଖ ଦୁଃଖ ପଚାରି ବୁଝିଥିଲେ । ସମ୍ପ୍ରତି ମୋଦି ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ଭୁଲି ଯାଇ ଦେଶରେ ବିଭିନ୍ନ ସାମଗ୍ରୀର ଦରଦାମ୍ ଅହେତୁକ ଭାବେ ବୃଦ୍ଧି କରିଛନ୍ତି, ଖାଉଟି ସାମଗ୍ରୀ ଉପରେ ଜିଏସ୍‌ଟି ଲଗାଇଛନ୍ତି, ଲୋକଙ୍କୁ ରୋଜଗାର ଦେବା ପରିବର୍ତ୍ତେ ବେରୋଜଗାର କରୁଛନ୍ତି ବିରୋଧି ଦଳ ତାର ପ୍ରତିବାଦ କଲେ ବିରୋଧି ନେତାଙ୍କ ପଛରେ ଇଡି, ସିବିଆଇ ଓ ଆୟକର ବିଭାଗକୁ ଲଗାଇ ଦିଆଯାଉଛି ବୋଲି କହିଥିଲେ । ତେଣୁ ଏସବୁ ମୁଖ୍ୟ ପ୍ରସଙ୍ଗରୁ ଲୋକଙ୍କ ଦୃଷ୍ଟି ଏଡାଇବା ପାଇଁ ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାର ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ମଧ୍ୟରେ ବିଭେଦ ସୃଷ୍ଟି କରି ଦେଶର ଶାନ୍ତି ଓ ଭାଇଚାରାକୁ ନଷ୍ଟ କରୁଛନ୍ତି ବୋଲି କହିଥିଲେ । ତେଣୁ ମୋଦି ସରକାରର କୁଶାସନ ଓ ବିଭାଜନ ନୀତି ବିରୁଦ୍ଧରେ ଜନସଚେତନା ସୃଷ୍ଟି ପାଇଁ ଆଜି ରାହୁଲଜୀଙ୍କ ନେତୃତ୍ୱରେ ଯେଉଁ ପଦଯାତ୍ରା ଆରମ୍ଭ ହୋଇଛି ସେଥିରେ ସାଧାରଣ ଲୋକେ ସାମିଲ୍ ହୋଇ ସହଯୋଗ କରିବାକୁ ନେତୃବୃନ୍ଦ ଆହ୍ୱାନ ଜଣାଇଥିଲେ । ଏହି ପଦଯାତ୍ରା ସମଗ୍ର ଶିଳ୍ପାଞ୍ଚଳ ପରିକ୍ରମା କରି ସାଢେ ୧୧ଟା ବେଳେ ସମ୍ପନ୍ନ ହୋଇଥିଲା । ପଦଯାତ୍ରା ପରିଚାଳନାରେ କାର୍ଯ୍ୟନିର୍ବାହୀ ସଦସ୍ୟ ଉପେନ୍ଦ୍ର ଦାସ, ଭାସ୍କର ଖିଲ୍ଲାର, ସେବାଦଳର ବୁଲୁ ଦାସ, ଚତୁର୍ଭୁଜ ସାମଲ, ଅଭିମନ୍ୟୁ ଦାସ, ଏମ୍‌ଡି ମୁର, ରେହେମାନ ଖାନ, ରୁକସାନା ବେଗମ, ଝୁନୁ ପଟ୍ଟନାୟକ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ଶଙ୍କର ଦାସ, ସୁଧୀର ଚୌହାନ, ଅକୁଳ ପାତ୍ର, ଦୀପକ ବଡାଇକ ପ୍ରମୁଖ ସହଯୋଗ କରିଥିବା ବେଳେ ଶତାଧିକ ଦଳୀୟ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

# ଜାରକାରେ ସାଇକେଲ ଚୋରି ବୃଦ୍ଧି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଅଞ୍ଚଳରେ କିଛିଦିନ ହେଲା ସାଇକେଲ ଚୋରି ବୃଦ୍ଧି ପାଇଛି । ସାଇକଲରେ ଚାବି ପଡ଼ିଥିଲେ ମଧ୍ୟ ଚୋର ନକଲି ଚାବି ବ୍ୟବହାର କରି କୌଶଳକ୍ରମେ ସାଇକେଲ ଚୋରି କରି ନେଉଛି । ବିଶେଷ କରି ଗହଳି ସ୍ଥାନରୁ ଚୋରମାନେ ଅନାୟାସରେ ସାଇକେଲ ଉଠାଇ ନେଉଛନ୍ତି । ଜାରକା ଶିଶୁ ଉଦ୍ୟାନ, ଷ୍ଟାଡ଼ିୟମ, ବିଭିନ୍ନ କୋଚିଂ ସେଣ୍ଟର, ମନ୍ଦିର, ଦୋକାନ ସାମ୍ନା ଆଦି ସ୍ଥାନରୁ ବାରମ୍ବାର ସାଇକେଲ ଚୋରି ହେଉଥିବା ଅଭିଯୋଗ ହେଉଛି । ଏଭଳି ଛୋଟ ଚୋରି ସଂପର୍କରେ ଅଧିକାଂଶ ସାଇକେଲ ମାଲିକ ଥାନାରେ ଏତଲା ଦେବାକୁ ଉଚିତ୍ ମନେ କରୁନାହାଁନ୍ତି । ଫଳରେ ପୁଲିସ୍‌କୁ ସାଇକେଲ ଚୋରି ସଂପର୍କରେ ଅଧିକ ସୂଚନା ମିଳି ପାରୁନାହିଁ । ଏଥିପାଇଁ ଜାରକା ଅଞ୍ଚଳରେ ସାଇକେଲ ଚୋରି ବୃଦ୍ଧି ଘଟିଥିବା ଅଭିଯୋଗରେ ଦର୍ଶାଯାଇଛି। ଜାରକା ନିକଟ ଚହଟା ମୌଜାରେ ଏକ ଭଡ଼ାଘରେ ରହୁଥିବା କଣ୍ଟିଗଡ଼ିଆ ଗ୍ରାମର ଶିକ୍ଷକ ଅମ୍ବୁଜ କୁମାର ଦାସଙ୍କ ପୁଅ ଓମ୍‌ପ୍ରିୟର ନୂଆ ସାଇକେଲ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ସେହିପରି ଜାରକା ଷ୍ଟାଡ଼ିୟମ୍ ନିକଟରୁ ଉତର ଶାସନ ଗ୍ରାମର ବିଚିତ୍ର କୁମାର ସାମଲଙ୍କ ପୁଅ ସୋମୁର ସାଇକେଲ ଚୋରି ହୋଇଯାଇଛି। ଏଥିସହ ଏହି ଗ୍ରାମର ଶତାବ୍ଦୀ ସାମଲଙ୍କ ସାଇକେଲ ଜାରକାର ଏକ କୋଚିଂ ସେଣ୍ଟର ସାମ୍ନାରୁ ଚୋରି ହୋଇଛି। ଏମିତି ଅନେକ ସାଇକେଲ ଚୋରି ହେଉଥିଲେ ମଧ୍ୟ ସାଇକେଲ ଲୁଟେରାଙ୍କ ସଂପର୍କରେ କୌଣସି ସୁରାକ୍ ମିଳୁନାହାଁ ସ୍ଥାନୀୟ ପୁଲିସ୍ ସାଇକେଲ ଚୋରି ସଂପର୍କରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




# ଟମାଟୋର ଚେରଗଣ୍ଠି ରୋଗ ଏବଂ ତାର ପରିଚାଳନା

**ରୁଦ୍ର ପ୍ରତାପ ସୁବୁଦ୍ଧି**



ଦେଶର ପ୍ରମୁଖ ଟମାଟୋ ଉତ୍ପାଦନ କରୁଥିବା ରାଜ୍ୟ ଗୁଡ଼ିକ ଭିତରୁ ଓଡିଶା ଅନ୍ୟତମ ଓ ଟମାଟୋ ଗୋଟିଏ ଅଧିକ ଅମଳକ୍ଷମ ତଥା ସହଳ ଅର୍ଥକାରୀ ଫସଲ ଏବଂ ଏହା ଉଚ୍ଚମାତ୍ରଓ ରେ ସୂତ୍ରକୃମି ପାଇଁ ଗ୍ରହଣଶିଳ ଅଟେ ଓ ଏହି ସୂତ୍ରକୃମି ମାନଙ୍କ ଭିତରୁ ମେଲୋଡୋଗାଇନି ଟମାଟୋ ର ଗୋଟେ ମୁଖ୍ୟ ଶତ୍ରୁ । ଆଉ ଏହା ଚେରଗଣ୍ଠି ରୋଗ ର କାରଣ ଅଟେ ଯାହାକି ଗଛ କୁ ବହୁତ ମାତ୍ରାରେ କ୍ଷତି ପହଞ୍ଚେଇଥାଏ ଓ ଏହା ଏକ ସୂକ୍ଷ୍ମ ପରଜୀବୀ ଯାହାକୁ ଆମେ କେବଳ ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ଦେଖିପାରିବା ଆଉ ପ୍ରାୟତଃ ଏମାନେ ମାଟି ଭିତରେ ଆଉ ଗଛର ଚେର ଭିତରେ ଦେଖା ଯାଇଥାନ୍ତି ଓ ସେମାନେ ଜୀବନଯାପନ ପାଇଁ ଆଉ ପୋଷଣ ପାଇଁ ଗଛ ଉପରେ ହିଁ ସମ୍ପୂର୍ଣ ଭାବେ ନିର୍ଭର କରନ୍ତି ଓ ଏମାନେ ଚେର ରେ ଅଣ୍ଡା ଦେଇଥାନ୍ତି ଆଉ ଅଣ୍ଡା ରୁ ଲାର୍ଭା ବାହାରି ଗଛ କୁ ଆକ୍ରାନ୍ତ କରିଥାଏ ଓ ଯେହେତୁ ସେମାନେ ଗଛ ର ଚେର କୁ ଆକ୍ରମଣ କରିଥାନ୍ତି ଛେର ଟି ନଷ୍ଟ ହେଇଯାଏ ଆଉ ଚେର ର ଅଧିକାଂଶ ଅଂଶ ଫୁଲି ଗଣ୍ଠି ଭଳି ହେଇଯାଏ

## ଅକ୍ରାନ୍ତ ଗଛର ଲକ୍ଷଣ

- ଗଛ ର ପୋଷାକ ତତ୍ୱ ଆଉ ଜଳ ପ୍ରବାହନ ବାଧାପ୍ରାପ୍ତ ହେଇଥାଏ
- ଗଛ ର ରୋଗ ପ୍ରତିରୋଧକ ଶକ୍ତି କମି ଯାଏ
- ଗଛ ଝାଉଁଳି ଯାଏ ଆଉ ଦୁର୍ବଳ ହେଇଯାଏ
- ପତ୍ର ଗୁଡିକ ହଳଦିଆ ହେଇ ଝଡିଯାଏ
- ଫୁଲ ଆଉ ଫଳ ର ବିକାଶ ହୁଏନାହିଁ
- ଚେର ଟି ଠିକ ଭାବେ ବଢିପାରେନାହିଁ
- ବେଶୀ ପରିମାଣ ରେ ଅକ୍ରାନ୍ତିତ ହେଲେ ଚେର ସଢ଼ି ଯାଏ
- ଫସଲ ର ଅମଳ କମିଯାଏ
- ଅକ୍ରାନ୍ତ ଗଛ ଟି ଅନ୍ୟାନ୍ୟ ଜୀବାଣୁ ଜନିତ ଚେର ରୋଗର ଶିକାର ହେଇଥାଏ

ରୋଗ ର ପରିଚାଳନା

- ବାରମ୍ବାର ସେଇ ଗୋଟେ ଅକ୍ରାନ୍ତ ହେଉଥିବା ଫସଲ ନ ଲଗେଇ ଫସଲ ର କ୍ରମ ବଦଳାଇ ଅକ୍ରାନ୍ତିତ ନ ହେଉଥିବା କିସମ ର ଫସଲ ଲଗେଇବା ଉଚିତ ଯାହା ଫଳ ରେ ଜମି ରେ କୃମି ସଂଖ୍ୟା କମି ଯିବ ଓ
- ରୋପଣ ପୂର୍ବରୁ ଜମି କୁ ଚାଷ କରି କିଛି ଦିନ ଯାଇ ଖାଲି ପଦା କରିକି ପକେଇବା ଉଚିତ ଯାହା ଦ୍ୱାରା ଆଗରୁ ମାଟିରେ ଥିବା କୃମି ର ଅଣ୍ଡା ଆଉ ଲାର୍ଭା ସୂର୍ଯ୍ୟ କିରଣ ସଂସ୍ପର୍ଶ ରେ ଆସି ମରିଯାଇଥାନ୍ତି ଓ
- ରୋଗ ଦ୍ୱାରା ଆକ୍ରାନ୍ତ ନହଉ ଥିବା ରେଜିସ୍ଟେଣ୍ଟ ଭେରାଇଟି ରୋପଣ ଯାହା ଦ୍ୱାରା ଗଛ ଟି ଅକ୍ରାନ୍ତିତ ହେବ ନାହିଁ
- କୃମି କୁ ଅକ୍ରାନ୍ତିତ ଜମି ରୁ ସୁସ୍ଥ ଜମି କୁ ମାଡିବା ରୁ ଅଟକେଇବା ପାଇଁ ଜମି କୁ ଆଉ ଚାଷ ରେ ବ୍ୟବହାର ହଉଥିବା କୃଷି ଯନ୍ତ୍ରପାତି କୁ ପରିସ୍କାର ଆଉ ପରିଛନ୍ନ ରଖିବା ଉଚିତ ଓ
- ରୋପଣ ପୂର୍ବରୁ ଧୂଆଁ ଜାତୀୟ ରାସାୟନିକ ନେମାଟିସାଇଡ଼ ବ୍ୟବହାର କରନ୍ତୁ।
- ରୋଗ ର ଲକ୍ଷଣ ଦେଖା ଗଲେ ରୋପଣ ର ୭ - ୮ ଦିନ ପରେ ଜମି ମାଟିରେ ରେ ରାସାୟନିକ ନେମାଟିସାଇଡ ପ୍ରୟୋଗ କଲେ ଗଛର ଚେର ରେ ଗଣ୍ଠି ସୃଷ୍ଟି ହୁଏ ନାହିଁ ଓ ଗଛ ହୃଷ୍ଟପୁଷ୍ଟ ହେଇ ବଢିଥାଏ ଓ
- ମାଟି ରେ ବର୍ଗ ମି. ପ୍ରତି ୨୦ ଗ୍ରାମ ହିସାବ ରେ ସିଡ଼ମନାସ ଜୈବ ରସାୟନ ପ୍ରୟୋଗ କଲେ ଖୁବ ଭଲ ଫଳ ମିଳେ ଓ
- ସଂଗୃହିତ

ସହକାରୀ ଅଧ୍ୟାପକ,
ଏମ.ଆଇ.ଟି.ଏସ, ରାୟଗଡା

# ହିଡ଼ ବିରି



ଅକ୍ଷୟ ତୃତିୟା ଠାରୁ ଆରମ୍ଭ ହୁଏ ମୁଠି ଅନୁକୂଳ ,ଧୀରେ ଧୀରେ ମୌସୁମୀ ବାୟୁର ଗତିବିଧିକୁ ଲକ୍ଷ୍ୟକରି ଚାଷୀ ଚାଷ କାର୍ଯ୍ୟ ଆରମ୍ଭକରିଥାଏ । କେଉଁ କେଉଁ ଅଞ୍ଚଳରେ ଚାଷୀ ଧାନ ବୁଣା ସାବିତ୍ରୀ ଅମାବାସ୍ୟା ତ ଆଉ କେଉଁଠି ରଜ ପର୍ବଠୁ ଆରମ୍ଭ ହୁଏ । ତେବେ ଧାନ ଜମିଟି ସାଧାରଣତଃ ହିଡ ଦ୍ୱାରା ଆବୃତ ହୋଇଥାଏ ଏବଂ ହିଡ ହିଁ ଗୋଟେ ଜମିକୁ ଆଉ ଗୋଟେ ଜମିକୁ ଅଲଗା କରିଥାଏ । ସମୟ ସମୟରେ ଦେଖା ଯାଏ ଅତ୍ୟଧିକ ବର୍ଷା ହେଇ ହିଡ ଅତଡ଼ା ଭାସିଯାଏ ।

ଉପକାରିତା :

ବିରି ସାଧାରଣତଃ ଏକ ଡାଲିଜାତୀୟ ଫସଲ । ଏହାକୁ ମୁଖ୍ୟତଃ ରବି ଋତୁରେ କରାଯାଏ , ତେବେ ଧାନ ଜମି ହିଡରେ ବା ଚତୁପାର୍ଶ୍ୱ ବିରି ଚାଷ କରିବା ଦ୍ୱାରା ହିଡ ମାଟି ସୃଦୃଢ଼ ହେବା ସହ ଗୋଟେ ଜମିରୁ ଅନ୍ୟ ଜମିକୁ ଅନିଷ୍ଟକାରୀ କୀଟ ମାନଙ୍କର ସହଜରେ ପ୍ରଚଳନ ହୁଏ ନାହିଁ ଏବଂ ଚାଷୀ ଭାଇମାନେ ମଧ୍ୟ ହିଡକୁ ସଫଳ ଭାବେ ବିନିଯୋଗ କରି କମ୍ ଖର୍ଚ୍ଚରେ ଲାଭ ପାଇପାରିବେ ।

କିପରି ଜମି ପ୍ରସ୍ତୁତି କରିବେ କରିବେ :

କେତେକ କ୍ଷେତ୍ରରେ ଦେଖାଯାଏ ଚାଷୀ ଭାଇ ମାନେ ଜମି ପ୍ରସ୍ତୁତି ଠିକ୍ ଭାବେ କର୍ଂ ନାହିଁ ,କିଁ ଚାଷ କାର୍ଯ୍ୟ ରେ ଜମିର ସଠିକ୍ ପ୍ରସ୍ତୁତି ଅମଳକୁ ବଢାଇଥାଏ । ତେବେ ହିଡ ବିରି ପାଇଁ ବିଶେଷ କିଛି ପ୍ରଣାଳୀ ଅବଲମ୍ବନ କରିବାକୁ ପଡିନଥାଏ । ଜମି ହଳ କରିବା ସମୟରେ ଜଳର ସ୍ରୋତ ଅନୁସାରେ ଜମିକୁ ସମତୁଲ କରାଯାଏ , ଯେମିତି ଜଳର ସଠିକ୍ ଭାବେ ପରିଚାଳନା ହୋଇପାରିବ । ସେହି ସମୟରେ ହିଡରେ ମାଟିଦେଇ ଅନାବନା ଘାସ ବାଛି ଏହାକୁ ଜମିରୁ ଅଳ୍ପ ଉଚ୍ଚ କରି ସମତଳ କରାଯାଏ ।

ବୁଣିବାର ଉପଯୁକ୍ତ ସମୟ :

ସାଧାରଣତଃ ବିରି ଅମଳ ପାଇଁ ୯୦ ଦିନ ସମୟ ନେଇଥାଏ । ଚାଷୀଭାଇମାନେ କେତେକ କ୍ଷେତ୍ରରେ ତଳି ରୋଇବାର କିମ୍ବା ବୁଣା ଜମିରେ ଘାସ ବାଛିବାର ଦୁଇ ରୁ ତିନି ସପ୍ତାହ ପରେ ହିଡ ବିରି ବୁଣାଯାଏ । ଯେମିତି ଧାନ ଅମଳ ପୂର୍ବରୁ ଏହା ଅମଳ ହୋଇପାରିବ । ସାଧାରଣତଃ ଓଡ଼ିଆ ମାର୍ଗଶିର ମାସରେ ଅମଳ ହୋଇ , ଅଷ୍ଟମୀରେ ପିଠା ପ୍ରସ୍ତୁତି ହୁଏ ।

ବୁଣିବା ପ୍ରଣାଳୀ :

ବିରି ବୁଣିବା ର ୩ ରୁ ୪ ଦିନ ପୂର୍ବରୁ ଗୋବର ଏବଂ ଜଳର ଏକ ମିଶ୍ରଣ ପ୍ରସ୍ତୁତ କରି ହିଡରେ ସିଂଚନ କରାଯାଏ। ଯାହାଦ୍ୱାରା ମାଟିର ଉର୍ବରତା ରେ ବୃଦ୍ଧିଘଟେ । ଏକ ଧାରୁଆ ଲୁହା ସାହାଯ୍ୟରେ ହିଡ ଉପରେ ଧାଡ଼ି ପ୍ରଣାଳୀ ଅବଲମ୍ବନ କରି ୨ ରୁ ୩ ସେମି ଗଭିରେ ମି ବୁଣାଯାଏ । ମଝିରେ ମଝିରେ ଅନାବନା ଘାସରକୁ ଉପଡି ଗଛର ଯତ୍ନ ନିଆଯାଏ ।

ଅମଳ ସମୟ ଓ ପ୍ରଣାଳୀ :

ଧାନ ପାଚିବାର ପୂର୍ବରୁ ଏହାକୁ ଉପଡି ଖରାରେ ଶୁଖାଇ ମିକୁ ଅଲଗା କରାଯାଏ । ତେବେ ଅମଳ ସମୟ ଅଧିକ ବିଲମ୍ବହେଲେ ଛୁଇଁ ଗଛରେ ଶୁଖି ମି ଆପେ ଆପେ ଅଲଗାହୋଇ ତଳେ ପଡ଼ିଯାଏ । ଏଣୁ ଏହାକୁ ସଠିକ୍ ସମୟରେ ଅମଳ କରିବାକୁ ପଡ଼ିବ ।

ବିଜ୍ଞାନ ରନ ସାହୁ ,କୃଷ ି ଛାତ୍ର , ନୟାଗଡ଼ ,ମୋ - ୯୫୫୬୨୫୯୯୧୯

# ଲତାଜାତୀୟ ବିନ୍ ଚାଷ

**କଲ୍ୟାଣୀ ପ୍ରଧାନ, ପ୍ରଜ୍ଞା ପରମିତା ମହାପାତ୍ର**

ଲତାଜାତୀୟ ଫସଲ ଭିତରେ ବିନ୍ ଏବେ ସର୍ବାଧିକ ଲୋକପ୍ରିୟ ଚାଷ ହେଉଥିବା ପରିବା। ଏହାର ପ୍ରୋଟିନ ପରିମାଣ ୯.୬ ଗ୍ରାମ ଥିଲାବେଳେ କାର୍ବୋହାଇଡ୍ରେଟ୍ ୧୦.୫ ଗ୍ରାମ ଥାଏ।ତେବେ ଏହାର ଉପଯୁକ୍ତ ପରିଚାଳନା କିପରି କରାଯିବ, ଆସନ୍ତୁ ନଜର ପକେଇବା।



ବିହନ ଚୟନ ଓ ବିଶୋଧନ-

ଅଧିକ ଅମଳ ପାଇଁ ଲତାଜାତୀୟ ବିନ୍ ଚୟନ କରନ୍ତୁ। ୧୦ ଡ଼ିସିମିଲ ପାଇଁ ୫୦୦ଗ୍ରାମରୁ ୫୫୦ଗ୍ରାମର ବିହନ ଦରକାର। ରାଇକିଆ ବିନ୍, କେନଟୁକି ୱାଣ୍ଡର, ଆୟୋକା ଇତ୍ୟାଦି ପ୍ରଧାନ। ୧ କିଗ୍ରା ବିହନରେ ୩ ଗ୍ରାମ ଥିରାମ୍ କିମ୍ବା କ୍ୟାପଟାନ୍ ମିଶାଇ ବିଶୋଧନ କରନ୍ତୁ। ୭ ଦିନ ପରେ ଅଧାଲିଟର ପାଣିରେ ୧୦୦ ଗ୍ରାମ ଗୁଡ଼ ଓ ୨୦ ଗ୍ରାମ ରାଇଜୋବିୟମ କଲଚର ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ। ଏହି ଦ୍ରବଣରେ ୧ କିଗ୍ରା ମି ମିଶାଇ ଛାଇରେ ଶୁଖାଇ ଏକ ଘଣ୍ଟା ଭିତରେ ବୁଣନ୍ତୁ।

ମନ୍ଦା ପ୍ରସ୍ତୁତ, ଚାରା ରୋପଣ ଓ ଖାଦ୍ୟସାର ପରିଚାଳନା-

ଜମିକୁ ହଳ କରି ଘାସପତ୍ର ବାଛି ଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩ ଫୁଟ ଓ ମନ୍ଦାକୁ ମନ୍ଦା ୩ ଫୁଟ ଦୂରତାରେ ରଖି ଲତାଜାତୀୟ ବିନ୍ ଲଗାନ୍ତୁ। ମି ଲଗାଇବାର ଦୁଇଦିନ ଆଗରୁ ମନ୍ଦାପ୍ରତି ୫୦୦ଗ୍ରାମ ଗୋବର ଖତ,୨ ଗ୍ରାମ ୟୁରିଆ, ୭ଗ୍ରାମ ଡ଼ିଏପି, ୫ଗ୍ରାମ ପଟାସ ମନ୍ଦାରେ ଭଲ ଭାବରେ ମିଶାଇ ଦିଅନ୍ତୁ। ୨ ଦିନ ପରେ ଉପଚାରିତ ବିହନକୁ ମନ୍ଦାପ୍ରତି ୨ଟି କରି ୨-୩ ସେମି ଗଭୀରରେ ପୋତିଦିଅନ୍ତୁ। ୨୫-୩୦ ଦିନ ବେଳକୁ କୋଡ଼ା ଖୋସା କରି ମନ୍ଦାପ୍ରତି ୬ ଗ୍ରାମ ୟୁରିଆ ପ୍ରୟୋଗ କରି ମାଟି ଟେକି ଦିଅନ୍ତୁ। ୩୦-୫୦ ଦିନ ବେଳକୁ ଅଣୁସାର ହିସାବରେ ଆଗ୍ରୋମିନ ଗୋଲଡ଼ ୧ ମିଲି ପ୍ରତି ୨ ଲିଟର ପାଣିରେ ମିଶାଶ ପ୍ରୟୋଗ କରନ୍ତୁ।

ପରବର୍ତ୍ତୀ ଯତ୍ନ-

ଜମିର ବତର ଦେଖି ୭-୮ ଦିନ ପରେ ପାଣି ଦିଅନ୍ତୁ। ୨୦ଦିନ ବେଳକୁ ରଞ୍ଚା ଦେଇ ଗଛକୁ ଉପରକୁ ଟେକନ୍ତୁ। ଫୁଲ ଫଳ ବଢାଇବା ପାଇଁ ଫୁଲ ସମୟରେ ଫାଷ୍ଟାକ୍ ପ୍ଲସ୍ ୧ ମିଲି ପ୍ରତି ପାଣିରେ ମିଶାଇ ଫୁଲ ସମୟରେ ପ୍ରୟୋଗ କରନ୍ତୁ। ସମସ୍ତ ସ୍ପ୍ରେ ସମୟରେ ଅଠା ଯଥା ମ୍ୟାସ୍କୱେଟ କିମ୍ବା ଧାନୁଭିଟ୍ ୧୦ମିଲି ପ୍ରତି ପାଣିରେ ମିଶାଇ ସ୍ପ୍ରେ କରନ୍ତୁ।

ରୋଗପୋକ ପରିଚାଳନା-

ପାଉଁଶିଆ ରୋଗ- ସଲଫର ୫୦ ଡ଼ବ୍ଲୁ.ପି. ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ।

ବୀଜାଣୁ ଜନିତ ପତ୍ରପୋଡ଼ା ରୋଗ- ଏହି ରୋଗ ହେଲେ ପତ୍ରରେ ଇଟାଳିଆରୁ ମାଟିଆ ଦାଗ ମାନ ଦେଖାଯାଏ ଓ ଏହି ଦାଗର ଚାରିପଟେ ବଳୟ ଆକାରରେ ହଳଦିଆ ଦାଗ ଦେଖାଯାଏ। ବ୍ଲାଇଟକ୍ସ-୫୦ ୫ ଗ୍ରାମ ସହ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧ ଗ୍ରାମ ପ୍ରତି ୧୦ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ।

ଜଉପୋକ- ଜଉପୋକ ଲାଗିଲେ ପତ୍ରମୋଡା ହୋଇ ଗଛ ବଢି ନ ଥାଏ। ରୋଗର ୨ମିଲି ବା ମାଲାଥିଅନ୍ ୨ ମିଲି ପ୍ରତି ଲିଟର ମିଶାଇ ସ୍ପ୍ରେ କରନ୍ତୁ।

ଫଳବିନ୍ଧା ପୋକ-

ଏହି ରୋଗ ହେଲେ କାର୍ବାରିଲ୍ ୫୦ ଡ଼ବ୍ଲୁ.ପି ୩ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ଫଳ ଆରମ୍ଭ ହେବା ପରେ ୧୫ ଦିନ ବ୍ୟବଧାନରେ ୨ଥର ସ୍ପ୍ରେ କରନ୍ତୁ।



# ଛାତ ଉପରେ ବଗିଚା

ରୁଫଟପ୍ ଗାର୍ଡେନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ। କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ। ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ। ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ। ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡେନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ। ପରିବେଶକୁ ସୁରକ୍ଷିତ ରଖାଯାଇପାରିବ। ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ।

**ଉପକାରିତା -**

- ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ।
- ଘରର ଛାତକୁ ଯେକୌଣସି କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ।
- ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ।
- ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ।
- ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ।
- ଘର ଛାତ ଉପରେ ଥିବାରୁ ଉସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ।

**ଉପଯୁକ୍ତ ଫସଲ ଚୟନ-**

ଯଦିଓ ରୁଫଟପ୍ ଗାର୍ଡେନିଙ୍ଗ ବିଭିନ୍ନ



ଦିଗ ଉପରେ ଗୁରୁତ୍ୱ ଦେଇଥାଏ ପରନ୍ତୁ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ। ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ। ମାଟିର ପିଏଚ୍ ଅନୁସାରେ ଫସଲ ମଧ୍ୟ ଭିନ୍ନ ଭିନ୍ନ ଚାଷ କରାଯାଏ। ଏମିତିକି କିଛି ଫସଲର ଦେଶୀ କିସମ ମଧ୍ୟ ଚାଷ କରାଯାଇପାରେ। ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ। ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ।

**ଖତସାର ପ୍ରୟୋଗ:**

ବିଭିନ୍ନ ଫସଲ ମୃତ୍ତିକାର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ। ତେବେ ରୁଫଟପ୍ ଗାର୍ଡେନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର। ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ। କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ। ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ। ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ। ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ। ଫଳରେ ଗଛଟି କମ୍ ଦିନରେ ମରିଯାଏ। ତେବେ ରୋଗପୋକ ପରିଚାଳନା ଠିକ ଭାବେ କରାଗଲେ ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ। ସୁତରାଂ ରୁଫଟପ୍ ଗାର୍ଡେନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ।

# ବାସୁମତୀ ଧାନ - କିଛି ଜଣା କିଛି ଅଜଣା



ବସୁମତୀ ଧାନ ସାଧାରଣତଃ ଏହାର ସୁଗନ୍ଧ ପାଇଁ ବେଶ ପରିଚିତ। ଏବେ ତ ଏହା ଘରେଘରେ ଉପଲବ୍ଧ। ଭାରତୀୟ ବଜାରରେ ଏହାର ଯେମିତି ଚାହିଦା ଠିକ ସେମିତି ଆ'ର୍ଜାତୀୟ ବଜାରରେ ବି ଏହାର ଚାହିଦା ଢ଼େର ବେଶୀ। ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତିରେ ମଧ୍ୟ ଏହାକୁ ବ୍ୟବହାର କରାଯାଏ। ବିରିଆନୀ , ପଲଉ, ଖିରି ପ୍ରଭୃତିରେ ଏହାର ଚାହିଦା ଅନେକ। ଏବେ ସୁଦ୍ଧା ୨୯ ପ୍ରକାରର ବସୁମତୀ କିସମ ଉପଲବ୍ଧ ଅଟେ।

ଯଥା- ବସୁମତୀ୨୧୭, ବସୁମତୀ ୩୭୦, ପଂଜାବ ବସୁମତୀ , ବୈଭବ ବସୁମତୀ , ପଂଜାବ ବସୁମତୀ ୩, ପୁଷା ବସୁମତୀ ୨ ..ଇତ୍ୟାଦି

ଅମ୍ଳୀୟ ମାଟିରେ ସୁଗନ୍ଧିତ ବସୁମତୀ କିସମ-ଯାମିନୀ

ଏହା ସାଧାରଣତଃ ଉତ୍ତର ଭାରତ ରାଜ୍ୟ ଯଥା - ପଂଜାବ , ହରିଆଣା , ଦିଲ୍ଲୀ , ହିମାଚଳ ପ୍ରଦେଶ ପ୍ରଭୃତି ରାଜ୍ୟରେ ଚାଷ କରାଯାଏ।




# ଭାରତ ଯୋଡ ଯାତ୍ରା ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସର ସର୍ବଧର୍ମ ପ୍ରାର୍ଥନା ସଭା

ରାଉରକେଲା (ପିଏନ୍): ଭାରତ ଯୋଡ ଯାତ୍ରାର ଶୁଭାରମ୍ଭ ପରିପ୍ରେକ୍ଷୀରେ ଗତ ୭ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ତରଫରୁ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସର୍ବଧର୍ମ ପ୍ରାର୍ଥନା ସଭାରେ ପଣ୍ଡିତ ଅଖିଳ ପାଣି ଉପସ୍ଥିତ ରହି ଗୀତା ପାଠ କରିଥିବା ବେଳେ ମୌଲାନା ଇମ୍ରାନ ଆଲମ ଉପସ୍ଥିତ ରହି କୋରନା ପାଠ କରିଥିଲେ । ସେହିପରି ଗୁରୁ ହରବଚନ ସିଂହ ଗୁରୁବାଣୀ ପାଠ କରିଥିବା ବେଳେ ଲଳିତ କୁଜୁର ବାଇବେଲ୍ ପାଠ କରି ଦେଶବାସୀଙ୍କ ମଙ୍ଗଳ କାମନା କରିଥିଲେ । ସମ୍ପ୍ରତି କେନ୍ଦ୍ର ସରକାରଙ୍କ ଦ୍ୱାରା ଦେଶରେ ଚାଲିଥିବା କୁଶାସନ ଓ ଜାତି, ଧର୍ମ, ସମ୍ପ୍ରଦାୟ ମଧ୍ୟରେ ଭେଦଭାବ ସୃଷ୍ଟି କରି ଯେଉଁ ବିଭାଜନ ରାଜନୀତି ଚାଲିଛି ସେ ବାବଦରେ ଜନସଚେତନତା ସୃଷ୍ଟି କରିବା ପାଇଁ କଂଗ୍ରେସର ସର୍ବମାନ୍ୟ ନେତା ଶ୍ରୀ ରାହୁଲ ଗାନ୍ଧୀ କନ୍ୟାକୁମାରୀଠାରୁ ଏହି ପଦଯାତ୍ରା ଆରମ୍ଭ କରିଛନ୍ତି । ପ୍ରାୟ ୩ ହଜାର ୫ କିଲୋମିଟରରୁ ଅଧିକ ପଥ ଅତିକ୍ରମ କରି କାଶ୍ମୀରରେ ସମ୍ପନ୍ନ ହେବାକୁ ଥିବା ଏହି ପଦଯାତ୍ରାର ପ୍ରାର୍ଥନା ସଭାରେ ସଫଳତା କାମନା କରାଯାଇଥିଲା । ପ୍ରାର୍ଥନା ସଭା ପରେ କନ୍ୟାକୁମାରୀଠାରେ ଆରମ୍ଭ ହୋଇଥିବା ପଦଯାତ୍ରା କାର୍ଯ୍ୟକ୍ରମର ଜୀବନ୍ତ ପ୍ରସାରଣ ପ୍ରୋଜେକ୍ଟର ଜରିଆରେ ସଭାସ୍ଥଳରେ ପ୍ରଦର୍ଶନ କରାଯାଇଥିଲା । ବାସନ୍ତୀ ନଗର ବାଜିରାଉତ ଛକଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉକ୍ତ ଅଞ୍ଚଳର ଶହ ଶହ ଲୋକ ଉପସ୍ଥିତ ରହି ଦେଖିଥିବା ବେଳେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଉପସଭାପତି କୀର୍ତ୍ତନ ଦାସ, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପୂର୍ବତନ ପିସିସି ସମ୍ପାଦକ ସବୀର ହୁସେନ ଓ ଗଣେଶ ପ୍ରଧାନ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଓବିସିର ରାଷ୍ଟ୍ରୀୟ ସହସଂଯୋଜକ କୈଳାସ ସାହୁ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ବିଜୟ ଆପଟ, ଧୁସା ନାୟକ ଓ ରଘୁନାଥ ଦାସ, ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ ଓ ସରୋଜ ଲେଙ୍କା, ପୂର୍ବତନ ସାଧାରଣ ସମ୍ପାଦକ ବନମାଳୀ ବିଶୋୟୀ, ପୂର୍ବତନ ଚେୟାରମ୍ୟାନ ସୁଶୀଲ କିଣ୍ଡୋ, ସମ୍ପାଦକ ଅମ୍ରିତ କୌର, ଧର୍ମେନ୍ଦ୍ର ପରମାର, କୋଷାଧ୍ୟକ୍ଷ ଚିତ୍ତରଂଜନ ମହାନ୍ତି, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଓବିସି ଅଧ୍ୟକ୍ଷ ବୈଲୋଚନା ସାହୁ, ମୁଖପାତ୍ର ଗିରିଜା ଶଙ୍କର ମିଶ୍ର, ସାମାଜିକ ଗଣମାଧ୍ୟମର ସୁଧୀର ନାଥ ଓ ବିଶ୍ୱଜିତ ସାହୁ, ବସନ୍ତ ସାମଲ, ସାକିର ହୁସେନ, ବିଶ୍ୱଭୂଷଣ ସର, ସେବାଦଳର ବୁଲୁ ଦାସ, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା ଓ ବିନୋଦ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ରେହେମାନ ଖାନ, ଦିଲ୍ଲୀପ ଜେନା, ଝୁନୁ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ଶରତ ପାଢୀ, ବାବୁଲା ମହାପାତ୍ର, ମଣ୍ଟୁ ଭଟ୍ଟ, ମାନୁ ସାମଲ, ସୁଧୀର ଚୌହାନ, ରବୀନ୍ଦ୍ର ମଲ୍ଲିକ, ବ୍ରଜେନ୍ଦ୍ର ମହାନ୍ତି ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ରାଜ୍ୟ ସ୍କାଉଟସ୍ ଓ ଗାଇଡସ୍ ସଂସ୍ଥାରେ 'ବସନ୍ତ ଦିବସ ପାଳନ'



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ପୂର୍ବତନ ସଭାପତି ସ୍ୱର୍ଗତଃ ବସନ୍ତ କୁମାର ବିଶ୍ୱାଳଙ୍କ ଶ୍ରାଦ୍ଧ ଦିବସକୁ 'ବସନ୍ତ ଦିବସ' ରୂପେ ରାଜ୍ୟ କାର୍ଯ୍ୟାଳୟ ତରଫରୁ ପାଳନ କରାଯାଇଛି । ଏହି ଅବସରରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଶ୍ରୀ କାଳିପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଶାନ୍ତି ବାର୍ତ୍ତା ଉପରେ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇ ସେହି ମହାନ ବ୍ୟକ୍ତିତ୍ୱର ସ୍ମୃତ୍ୟାର୍ଥେ ବିଭିନ୍ନ ଜିଲ୍ଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୩୦ ଜଣଙ୍କୁ ଜିଲ୍ଲା ଏବଂ ରାଜ୍ୟସ୍ତରରେ ସ୍କାଉଟିଂର ଉନ୍ନତି ଲାଗି 'ବସନ୍ତ ବିଶ୍ୱାଳ ସମ୍ମାନ' ଓଡିଶା ବିଧାନସଭା ସଚିବ ଶ୍ରୀଯୁକ୍ତ ଦାଶରଥୀ ଶତପଥୀ, ଆଇଏଏସ୍‌ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଉପସ୍ଥିତ ସଭ୍ୟ ସଭ୍ୟାମାନେ ସ୍ୱର୍ଗତଃ ବିଶ୍ୱାଳଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ରାଜ୍ୟ ଗାଇଡ୍ ସଂଗଠନ କମିଶନର ଏବଂ ଆଡିମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ସଭା ପରିଚାଳନା କରିଥିବା ବେଳେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ କୁମାର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ବର୍ଷ "ବସନ୍ତ ବିଶ୍ୱାଳ ସମ୍ମାନ" ପାଇଥିବା ସମସ୍ତଙ୍କୁ ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ଶୁଭେଚ୍ଛା ଜ୍ଞାପନ କରିଥିଲେ ।

# ଡି.ଏ.ଭି କଳିଙ୍ଗ ନଗରଠାରେ ତ୍ରିସ୍ତରୀୟ କୋଭିଡ ଟୀକାକରଣ କାର୍ଯ୍ୟକ୍ରମ ସମାହିତ




ଭୁବନେଶ୍ୱର (ପିଏନ୍)–ଦୀର୍ଘ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟଧରି କରୋନା କୋପରେ ଅସ୍ତବ୍ୟସ୍ତ ଜନଜୀବନ ଧୀରେ ଧୀରେ ସ୍ୱାଭାବିକ ହୋଇଆସୁଥିବା ସମୟରେ ସବୁଠାରୁ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ବ୍ୟବସ୍ଥାରେ ଆଉ କିଛି ବାଧା ନ ଉପୁଜିବା ଲକ୍ଷ୍ୟ ନେଇ ଡି.ଏ.ଭି କଳିଙ୍ଗ ନଗରଠାରେ ଏକ ତ୍ରିସ୍ତରୀୟ କୋଭିଡ ଟୀକାକରଣ କାର୍ଯ୍ୟକ୍ରମ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆଜାଦି କା ଅମୃତ ମହୋତ୍ସବ ଅବସରରେ ସମସ୍ତଙ୍କୁ ଟୀକାକରଣ ଅଭିଯାନରେ ସାମିଲ ହୋଇ ବିଦ୍ୟାଳୟ ତରଫରୁ ପ୍ରଥମ ପର୍ଯ୍ୟାୟରେ ୧୨ରୁ ୧୪ ବର୍ଷ ଛାତ୍ରଛାତ୍ରୀଙ୍କୁ ପ୍ରଥମ ଡୋଜ୍, ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ତଥା ସେମାନଙ୍କ ପରିବାରବର୍ଗଙ୍କ ପାଇଁ ବୁଷ୍ଟର ଡୋଜ୍ ଓ ୧୫ରୁ ୧୮ ବର୍ଷ ଛାତ୍ରଛାତ୍ରୀମାନଙ୍କ ପାଇଁ ଦ୍ୱିତୀୟ ଡୋଜ ତଥା ତୃତୀୟ ଏବଂ ଶେଷ ପର୍ଯ୍ୟାୟରେ ୧୨ରୁ ୧୪ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଦ୍ୱିତୀୟ ଡୋଜ ଆୟୋଜନ କରାଯାଇ ୩୫୦ରୁ ଊର୍ଦ୍ଧ୍ୱ ଟୀକାକରଣ କରାଯାଇଥିଲା। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ଜାତୀୟ ହେଲ୍‌ଥ ମିଶନ ଆନୁକୁଲ୍ୟରେ ଟି.ସି.ଆଇ ଫାଉଣ୍ଡେସନ୍ ଓ ଘାଟିକିଆ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ସହଯୋଗରେ ଏହି ତିନି ପର୍ଯାୟ ଟୀକାକରଣ ସୂଚାରୁରୂପେ ସମ୍ପାଦିତ ହୋଇଥିଲା। ଡ. ଶୁଭଲକ୍ଷ୍ମୀ ବଳ ଓ ଡ. ଅରମାନ ନସିମ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୀକାକରଣ କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ନାୟକ, ସ୍ମୃତିଲିପି ପଣ୍ଡା ଓ ତେଜସ୍ମିତା ନାୟକ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁ ଏହି ମହତ କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ କୃତଜ୍ଞତା ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତି ଦ୍ୱାରା ଗଠିତ କୋଭିଡ୍ ମନିଟରିଙ୍ଗ୍ ଟିମ୍‌ଦ୍ୱାରା କାର୍ଯ୍ୟକ୍ରମର ସଫଳ ପରିଚାଳନା କରାଯାଇଥିଲା।

## ବ୍ୟବସାୟୀଙ୍କ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚହଟା ଗ୍ରାମର ବ୍ୟବସାୟୀ ସୁଧାଂଶୁ ଶେଖର ରାୟ (୪୮)ଙ୍କର ପରଲୋକ ହୋଇଯାଇଛି । କିଛିଦିନ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ଅଳି, ଏକମାତ୍ର ଝିଅ ସୋମା, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଖବର ପାଇ କର୍ଣ୍ଣେଲ ମନୋଜ କୁମାର ରାଉତ, ସହକାରୀ ଜିଲ୍ଲାପାଳ ସଂଜୀବ କୁମାର ରାୟ, ଅଧ୍ୟାପକ ଡ. ସଂଜୟ କୁମାର ରାୟ, ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ହିମାଂଶୁ ଶେଖର ରାୟ, ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସୀତାଂଶୁ ଶେଖର ରାୟ, ଶୁଭ୍ରାଂଶୁ ଶେଖର ରାୟଙ୍କ ସମେତ ବହୁ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ପୁତୁରା ଅଂଶୁମାନ ମୁଖାଗ୍ନି ଦେଇଥିଲେ ।

# ମା', ମାଟି, ମାତୃଭାଷାର ସମର୍ପିତ ବ୍ୟକ୍ତିତ୍ୱ ଥିଲେ ଗୋବିନ୍ଦ ମାହୁନ୍ତ



ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଭାଷା ଯୋଦ୍ଧା, ଓଡ଼ିଆ ସାହିତ୍ୟ, ସଂସ୍କୃତିପ୍ରେମୀ, ସମାଜସେବୀ ତଥା ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ଗୋବିନ୍ଦ ଚନ୍ଦ୍ର ମାହୁନ୍ତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତିଚାରଣ ସଭା ସ୍ଥାନୀୟ ବୁଦ୍ଧମନ୍ଦିରଠାରେ ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ ଅଭିମନ୍ୟୁ ସ୍ମୃତି ସଂସଦ ଆନୁକୂଲ୍ୟରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ସମ୍ବାଦ'ର ସମ୍ପାଦକ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବିଧାୟକ ତଥା ଅଭିମନ୍ୟୁ ସ୍ମୃତି ସଂସଦର ଅଧ୍ୟକ୍ଷ ଅମର ପ୍ରସାଦ ଶତପଥୀ ସମ୍ମାନିତ ଅତିଥି ଭାବେ, ବିଶିଷ୍ଟ ବାଗ୍ମୀ, ସଂସ୍କୃତି ପୁରୁଷ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡଃ କୃଷ୍ଣକେଶବ ଷଡ଼ଙ୍ଗୀ, ଅଭିମନ୍ୟୁ ସ୍ମୃତି ସଂସଦର ସାଧାରଣ ସମ୍ପାଦକ ଖତୁ ଚରଣ ବିଶ୍ୱାଳ ଯୋଗଦେଇ ସ୍ୱର୍ଗତ ଗୋବିନ୍ଦ ବାବୁ ମା', ମାଟି, ମାତୃଭାଷାର ସମର୍ପିତ ବ୍ୟକ୍ତିତ୍ୱ ଭାବରେ ତାଙ୍କ କାର୍ଯ୍ୟଧାରା ଆଜି ବି ପ୍ରାସଙ୍ଗିକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା ଓ ସଂଯୋଜନା ବରିଷ୍ଠ ସାମ୍ବାଦିକ, ଅଧ୍ୟକ୍ଷ ପୂଜ୍ୟ ପୂଜା ସଂସ୍କୃତି ଅଭିଯାନର ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରି କହିଲେ ଯେ, ଏକାଧାରରେ ସ୍ୱର୍ଗତ ମାହୁନ୍ତ ଥିଲେ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ସମାଜସେବା ଓ ପୂଜ୍ୟପୂଜାର ମହାନ୍ କାଣ୍ଡାରୀ। ମଣିଷକୁ ଭଲ ପାଇବା ସହିତ ଗୋପବନ୍ଧୁଙ୍କ କର୍ମ ଓ ଶରୀର ସହିତ ତାଙ୍କ ସାମଞ୍ଜସ୍ୟ ରହୁଥିବାରୁ ଗୋପବନ୍ଧୁଙ୍କ ନାମରେ ସେ ସମସ୍ତଙ୍କ ଶ୍ରଦ୍ଧାଭାଜନ ହେବା ଓ ଗୋପବନ୍ଧୁଙ୍କ ଆଦର୍ଶରେ ସର୍ବଦା ଅନୁପ୍ରାଣିତ ହୋଇ ଅବିରତ ଭାବରେ କାମ କରିଚାଲିଥିଲେ। ଜଣେ ମିଷ୍ଟଭାଷୀ, ନିଷ୍ପାପର କର୍ମଯୋଗୀ, ସରଳ, ଅମାୟିକ ଭାଷାବିତ୍ ଭାବେ ତାଙ୍କର ଅବଦାନ ଅତୁଳନୀୟ ତଥା ଅହଙ୍କାର ବିବର୍ଜିତ ବ୍ୟକ୍ତିତ୍ୱ ଭାବେ ସେ ବେଶ୍ ଜଣାଶୁଣା ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୋବିନ୍ଦ ବାବୁଙ୍କ ସ୍ମରଣରେ ଏକ ସ୍ମରଣିକା 'ସ୍ମୃତି ଅର୍ଘ୍ୟ' ଲୋକାର୍ପିତ ହେବା ସହିତ ତାଙ୍କ ସ୍ମୃତି ଏବଂ ତାଙ୍କ ସୁପୁତ୍ର ଦେବବ୍ରତଙ୍କ ସ୍ମୃତିରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ବିଭିନ୍ନ ପ୍ରକାର ସମାଜସେବା ମୂଳକ କାର୍ଯ୍ୟକ୍ରମ ତାଙ୍କ ସ୍ମୃତିରେ କରାଯିବ ବୋଲି ମତ ବ୍ୟକ୍ତ କରାଯାଇଥିଲା। ଉକ୍ତ ସ୍ମୃତିଚାରଣ ସଭାରେ ସାରସ୍ୱତ ପ୍ରତିଭାଧାରୀ ଲକ୍ଷ୍ମୀଧର ବେହେରା, ପୂର୍ଣ୍ଣଚନ୍ଦ୍ର ଜେନା, ବିଜୟ ପରିଡ଼ା, ଅରବିନ୍ଦ ତ୍ରିପାଠୀ, ସଂଯୋଜକ ନାରାୟଣ ଓଝା, ବି. ମୁରଲୀଧର ପ୍ରମୁଖ ଗୋବିନ୍ଦପ୍ରେମୀ ଯୋଗଦେଇ ସ୍ମୃତିଚାରଣ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଦେବାଶିଷ ପରିଡ଼ା ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ଅତିବଡି ଜଗନ୍ନାଥ ଦାସଙ୍କ ଜୟନ୍ତୀ ଓ ପୁସ୍ତକ ଲୋକାର୍ପଣ ଉତ୍ସବ



ଧର୍ମଶାଳା (ପିଏନ୍): ଅତିବଡି ଜଗନ୍ନାଥ ଦାସ ଓଡିଆ ସାହିତ୍ୟର କଳ୍ପ ପୁରୁଷ । ଭାଗବତ ଓଡିଆମାନଙ୍କ ଶ୍ରେଷ୍ଠ ଗ୍ରନ୍ଥ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି । ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଯାଜପୁର ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ ଓ ଅତିବଡି ଜଗନ୍ନାଥ ଦାସଙ୍କ ଜୟନ୍ତୀ ସାମାରୋହ ଜାରକାସ୍ଥିତ ସମ୍ରାଟ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରି ଅତିବଡି ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଭାଗବତ ଓଡିଆ ଲୋକମାନଙ୍କର ଗୀତା ସଦୃଶ୍ୟ ଓ ମାର୍ଗ ଦର୍ଶକ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଉପସଭାପତି ତଥା ରେଭେନ୍‌ସା ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ସ୍ମରପ୍ରିୟା ମିଶ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ତଥା ବିଶିଷ୍ଟ ଗବେଷକ ଡ. ସନ୍ତୋଷ କୁମାର ମହାପାତ୍ର ଓ ବ୍ରହ୍ମବରଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଯୋଗଦେଇ ବହିଟିଏ ଭଗବାନ ପାଲଟିଯାଏ । ଉଦାହରଣ ସ୍ୱରୁପ ଭାଗବତ ଗ୍ରନ୍ଥ ପ୍ରତିଟି ଓଡିଆର ପ୍ରାଣତନ୍ତ୍ରୀରେ ଗୁଂଜରିତ ହୋଇଥାଏ । ଭାଗବତକାର ଅତିବଡି ଜଗନ୍ନାଥ ଦାସ ତାହାହିଁ କରିଥିଲେ ବୋଲି ଭାଗବତ ଗାଦିରେ ଭାଗବତ ସପ୍ତାହ ପାଳନ କରାଯାଉଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଜିଲ୍ଲା ସମ୍ପାଦକ ଅଧ୍ୟାପକ ବିଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିବଡି ଜଗନ୍ନାଥ ଦାସଙ୍କ ଭାଗବତ ବିଷୟରେ ଧର୍ମଶାଳା ସାହିତ୍ୟ ସମାଜ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ଗାଳ୍ପିକ ଅର୍ଜୁନ ପୃଷ୍ଟି ଆଲୋକପାତ କରିଥିଲେ । ସୁଶ୍ରୀ ତପସ୍ୱିନୀ ନାୟକ ଓ ସୁଶ୍ରୀ ସାଗରିକା ନାୟକ ସ୍ୱରସ୍ୱତୀ ବନ୍ଦନା କରିଥିଲେ । ଏହି ଅବସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ପ୍ରକାଶିତ ପୁସ୍ତକ 'ଦିଗ ଓ ଦିଗନ୍ତ'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ । ଅରବିନ୍ଦ ଦାସ ମଂଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଦୀଲିପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମାଟି ଉଠିଲା



ଧର୍ମଶାଳା (ପିଏନ୍): ଧର୍ମଶାଳା ମହୋତ୍ସବ ପୂଜା କମିଟି ଜାରକା ପକ୍ଷରୁ ପବିତ୍ର ସୁନିଆ ଅବସରରେ ମା ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତି ଲାଗି ଆଜି ବ୍ରାହ୍ମଣୀ ନଦୀରୁ ମାଟି ଉଠାଣ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । କମିଟି ପକ୍ଷରୁ ଉପସଭାପତି ଇନ୍ଦ୍ରମଣି ନାୟକ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସହ ସମ୍ପାଦକ ଆନନ୍ଦ ବିହାରୀ ନାୟକ, ସଦସ୍ୟ କିଶୋର ଚନ୍ଦ୍ର ନାୟକ, ରାମଚନ୍ଦ୍ର ମଳିକ, କ୍ଷୀରୋଦ ମୁଦୁଲି, ଅର୍ଜୁନି ଚରଣ ସାହୁ, ହାଡିବନ୍ଧୁ ନାୟକ, ବିଳାଶ ଜେନା, ଅନନ୍ତ ପ୍ରଧାନ ଓ କାଶୀନାଥ ସାହୁ ପ୍ରମୁଖ ଏହି ମାଟି ଉଠାଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବ୍ରାହ୍ମଣୀ ନଦୀର ଗୋକର୍ଣ୍ଣେଶ୍ୱର ପୀଠଠାରେ ପୂଜକ ପ୍ରମୋଦ କୁମାର ପାଢୀ ପୂଜାର୍ଚ୍ଚନା କରିଥିବାବେଳେ କର୍ତା ସୁଦୀପ୍ତ ସ୍ୱାଇଁ ଓ ଉପକର୍ତା ଅନିରୁଦ୍ଧ ରାଉତ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ଆସନ୍ତା ଅକ୍ଟୋବର ୨ ତାରିଖରେ ମା' ଦୁର୍ଗାଙ୍କ ସପ୍ତମୀ ପୂଜା ଆରମ୍ଭ ହେଉଥିବାବେଳେ ୫ ତାରିଖରେ ଦଶହରା ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।

## ଗଣେଶଙ୍କ ଭସାଣି ଉତ୍ସବ

ଧର୍ମଶାଳା (ପିଏନ୍): ଜାରକା ଗଣେଶ ପୂଜା କମିଟି ପକ୍ଷରୁ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ପାଂଚଦିନ ଧରି ଗଜାନନଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯିବା ସହ ପ୍ରତ୍ୟେହ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ପୂଜାକୁ ଗଣେଶ ପୂଜା କମିଟିର କର୍ମକର୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ। ଏକ ଶୋଭାଯାତ୍ରାରେ ବିଘ୍ନ ବିନାଶନଙ୍କୁ ଜାରକା ବଜାର ପରିକ୍ରମା କରାଯାଇ ବ୍ରାହ୍ମଣୀ ନଦୀରେ ବିସର୍ଜନ କରାଯାଇଥିଲା।

## ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ




ଧର୍ମଶାଳା (ପିଏନ୍): ନୂଆଦିଲ୍ଲୀର କ୍ୟାପିଟାଲ ଫାଉଣ୍ଡେସନ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'ରେ ସମ୍ମାନିତ କରାଯିବାପରେ ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ଅଭିନନ୍ଦନ ଜଣାଯାଇଛି । ଦିଲ୍ଲୀଠାରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏନଭି ରମନ୍ନା ମୁଖ୍ୟମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକଙ୍କ ନେତୃତ୍ୱରେ ଯୁବ ଜନତା ଦଳର କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ସେହିପରି ଧର୍ମଶାଳା ବିଜେଡି ଗାର୍ଲସ ଓ୍ୱିଙ୍ଗ୍‌ର ସଭାନେତ୍ରୀ କ୍ଷିରାବ୍ଧୀ ତନୟା ମଲ୍ଲିକଙ୍କ ନେତୃତ୍ୱରେ ଜାରକା ତ୍ରିନାଥ ମନ୍ଦିରରେ ଦୀପଦାନ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରିଥିଲେ। ସାରା ଧର୍ମଶାଳାବାସୀଙ୍କ ମନରେ ଆନନ୍ଦଉଲ୍ଲାସ ଖେଳିଯିବା ସହିତ ବିଜୁ ଯୁବ ଜନତା ଦଳ ଏବଂ ଗାର୍ଲସ ଓ୍ୱିଙ୍ଗର କର୍ମକର୍ତ୍ତାମାନେ ଏହି ସମ୍ମାନିତ ଉତ୍ସବକୁ ପାଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁବ ବିଜେଡିର ସମସ୍ତ କର୍ମକର୍ତା ଏବଂ ଗାର୍ଲସ ଓ୍ୱିଙ୍ଗ୍‌ର ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ।

## କବି ତୁହିନାଂଶୁ ରଥଙ୍କୁ କୃଷ୍ଣ ଚରଣ କାବ୍ୟ ପୁରସ୍କାର ପ୍ରଦାନ

ଧର୍ମଶାଳା (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଧୁପୁର କଲେଜ ପ୍ରାଧ୍ୟାପକ ତଥା କବି ଡ. ତୁହିନାଂଶୁ ରଥଙ୍କୁ ଓଡିଶା ଗବେଷଣା ପରିଷଦ ପକ୍ଷରୁ କୃଷ୍ଣ ଚରଣ କାବ୍ୟ ପୁରସ୍କାର ପ୍ରଦାନ କରାଯାଇଛି । ଅନୁଷ୍ଠାନର ସଭାପତି ସୁଧିର ଚନ୍ଦ୍ର ବେହୁରାଙ୍କ ପୌରୋହିତ୍ୟରେ କଟକ ଶ୍ରୀରମ ଚନ୍ଦ୍ର ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ବିଶ୍ୱ ବିଦ୍ୟାଳୟର ପ୍ରଫେସର ହରିହର ହୋତା, ମୁଖ୍ୟବକ୍ତା ଭାବେ ଉଚ୍ଚ ଶିକ୍ଷା ବିଭାଗ ପୂର୍ବତନ ଆଂଚଳିକ ନିର୍ଦ୍ଦେଶକ ପ୍ରଫେସର କମଳା ପ୍ରସାଦ ମହାପାତ୍ର ଯୋଗଦେଇ କବି ଡ. ରଥଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ସମ୍ପାଦକ ପ୍ରଫେସର ଅଜୟ କୁମାର ପଟ୍ଟନାୟକ ବିବରଣୀ ପାଠ କରିଥିଲେ। କୃଷ୍ଣ ଚରଣ କାବ୍ୟ ପୁରସ୍କାରପ୍ରାପ୍ତ ଡ. ରଥଙ୍କୁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ସଭାପତି ସମ୍ପାଦକ ଓ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଦିଲ୍ଲୀ ବିମାନ ବନ୍ଦରରେ ବିଜେଡି ନେତାଙ୍କ ଅଭାବନୀୟ କାଣ୍ଡ ଓଡିଶାକୁ ଲଜ୍ଜିତ କରିଛି : ଯୁବମୋର୍ଚ୍ଚା

ଭୁବନେଶ୍ୱର, (ପି.ଏନ): ଗତ ୪ ତାରିଖ ଦିନ ଦିଲ୍ଲୀ ବିମାନ ବନ୍ଦରଠାରେ ବିଜେଡି ନେତା ଓ କାର୍ଯ୍ୟକର୍ତ୍ତାଙ୍କ ଅଭାବନୀୟ କାଣ୍ଡ କାରଣରୁ ଆଜି ସମଗ୍ର ଓଡିଶା ନିନ୍ଦିତ ଓ ଲଜ୍ଜିତ ହୋଇଛି । ଗୋଟିଏ ପଟେ ଏହି ଘଟଣାକୁ ଶାସକ ବିଜେଡି ଦ୍ୱାରା ଚାପି ଦେବାର ଅପପ୍ରୟାସ କରାଯାଉଥିବାବେଳେ ଏବଂ ଅନ୍ୟ ପଟେ ଦଳର ମୁଖିଆ ଏଭଳି ଲଜ୍ଜାଜନକ ଘଟଣାକୁ ହାଲୁକା ଭାବେ ନେବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ କହିଛନ୍ତି ।ଗୁରୁବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପୁରସ୍କାର ଗ୍ରହଣ ଉତ୍ସବରେ ଯୋଗ ଦେଇ ଫେରିବା ବେଳେଓଡିଶାରୁ ଯାଇଥିବା ଶାସକ ବିଜେଡିର ମନ୍ତ୍ରୀ, ବିଧାୟକ, ଯୁବନେତା ଏବଂ ବହୁ ବିଜେଡି କର୍ମୀ ଦିଲ୍ଲୀ ବିମାନବନ୍ଦରଠାରେ ନିଶାସକ୍ତ ଅବସ୍ଥାରେ ପାଇଲଟ ଓ ବିମାନବନ୍ଦର କର୍ମଚାରୀଙ୍କ ସହିତ ଅସଦ୍ ଆଚରଣ କଲେ । ଏପରିକି ଅଧ ଘଂଟା ବିଳମ୍ବ କାରଣରୁ ଇଣ୍ଡିଗୋ ଇ-୩୨୦ ବିମାନରେ ଆସୁଥିବା ବିମାନଯାତ୍ରୀ ନାହିଁ ନଥିବା ହଇରାଣ ଶିକାର ହୋଇଥିଲେ । ଶେଷରେ ବିମାନଟି ତାଙ୍କୁ ନଆଣି କେବଳ ସେମାନଙ୍କ ବ୍ୟାଗ ଓ ଲଗେଜକୁ ନେଇ ଭୁବନେଶ୍ୱର ଆସିଥିଲା । ଏହି ଘଟଣା ସଂପର୍କରେ ଓଡିଶା ସମେତ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇବା କାରଣରୁ ଓଡିଶା ଆଜି ନିନ୍ଦିତ ଅପମାନିତ ହୋଇଛି । ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ଆଳରେ ଗତ ୬ ତାରିଖ ଦିନ ରାଜରାସ୍ତାରେ ହଜାର ହଜାର ସଂଖ୍ୟାରେ ଗାଡି, ମଟର, ଆମ୍ବୁଲାନ୍ସ ଅଟକି ରହିଲା । ରୋଗୀମାନେ ଡାକ୍ତରଖାନାକୁ ଯାଇନପାରି କଷ୍ଟ ପାଇଲେ । ଆଇନଶୃଂଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିଲା । କିନ୍ତୁ ବିଜେଡିର ନେତାମାନେ ଏହାକୁ ସାଧାରଣ କଥା କହି ଏଡାଇ ଦେବା ସମ୍ବେଦନହୀନତାର ପରିଚୟ । ଆଇନ ଶୃଙ୍ଖଳାର କଥା ହେଉ ବା ନିଶାର କଥା ହେଉ ବିଜେଡି ନେତାମାନଙ୍କର ଆଚାର ଓ ସ୍ୱଭାବ ଯୋଗୁଁ ସାଧାରଣ ଜନତାଙ୍କ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଏହି ଅବସରରେ ରାଷ୍ଟ୍ରୀୟ ଉପସଭାନେତ୍ରୀ ଅର୍ପିତା ବଡଜେନା, ଯୁବମୋର୍ଚ୍ଚା ରାଜ୍ୟ ପ୍ରଭାରୀ ଶଶାଙ୍କ ରାଜ୍, ରାଜ୍ୟ ସାଧାରଣ ସମ୍ପାଦକ ଦୀପକ କୁମାର ଗୋଛାୟତ ଓ ସାଧାରଣ ସମ୍ପାଦକ ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆଦିଲ୍ଲୀରେ 'ଇଣ୍ଡିଆ ଆଇଡ଼ିଆ ସମ୍ମିଟ'ରେ ଶିଳ୍ପ ମୁଖ୍ୟଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା

ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ୟୁଏସ ଇଣ୍ଡିଆ ବିଜନେସ କାଉନସିଲ ଏବଂ ସାଉଥ ଏସିଆ ଇଣ୍ଟରନ୍ୟାସନାଲ ଆଫେୟାର୍ ୟୁଏସ ଚାମ୍ବର ଅଫ୍ କମର୍ସ ଦ୍ୱାରା ଆୟୋଜିତ 'ଇଣ୍ଡିଆ ଆଇଡ଼ିଆ ସମ୍ମିଟ'ରେ ଯୋଗଦେଇ ପ୍ରମୁଖ ଶିଳ୍ପ ସମୂହର ମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି ।ଭାରତ ଏବଂ ୟୁଏସ ସମ୍ପର୍କରେ ଶିକ୍ଷା ଓ ଦକ୍ଷତା ବିକାଶ ଏକ ପ୍ରମୁଖ ସ୍ତମ୍ଭ । ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଭାରତର କଳ୍ପନା, ଶିକ୍ଷାର ଅନ୍ତର୍ଜାତୀୟକରଣ ଉପରେ ଜାତୀୟ ଶିକ୍ଷା ନୀତିର ଗୁରୁତ୍ୱ ଓ ଯୁବବର୍ଗଙ୍କୁ ସ୍କିଲି, ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ କରିବା ଦିଗରେ ଭାରତର ପ୍ରୟାସ ଉପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ସମ୍ମିଟରେ ଆଲୋଚନା କରିଛନ୍ତି । ଭାରତରେ ଡ଼ିଜିଟାଲ ଅର୍ଥନୀତି, ଆକାଂକ୍ଷୀ ଜନସଂଖ୍ୟା, ଜ୍ଞାନ ଆଧାରିତ ସମାଜ, ଅନେକ ସଂସ୍କାର ଭାରତ ପାଇଁ ଅପାର ସମ୍ଭାବନା ଆଣିଦେଇଛି ।

## ନବରଙ୍ଗପୁର ଓ କେନ୍ଦୁଝର ଜିଲ୍ଲା ପରିକ୍ରମା କରିଛି 'ଅହିଂସା ରଥ'

ଭୁବନେଶ୍ୱର, (ପି.ଏନ): ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ତଥା ଜାତିର ଜନକ ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ରର ରାଜ୍ୟବ୍ୟାପୀ ପ୍ରସାରଣ ଉଦ୍ଦେଶ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଅହିଂସା ରଥ' ଆଜି ନବରଙ୍ଗପୁର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କରିଛି । ଆଜି ଦ୍ୱିତୀୟ ଦିନ ନବରଙ୍ଗପୁର ଜିଲ୍ଲା ପରିକ୍ରମାରେ ଜିଲ୍ଲାର ଦଶଟି ବ୍ଲକ୍ ଓ ଦୁଇଟି ପୌରପାଳିକାର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଛି । ବିଭିନ୍ନ ବ୍ଲକ୍ ଓ ପୌର ପରିଷଦର ଅଧିକାରୀ, ଲୋକପ୍ରତିନିଧି, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଜନସାଧାରଣ ଆନନ୍ଦ ଉଲ୍ଲାସର ସହିତ ଅହିଂସା ରଥକୁ ସ୍ୱାଗତ କରିଛନ୍ତି । ନବରଙ୍ଗପୁର ସହରରେ ଏକ ବିରାଟ ଶୋଭଯାତ୍ରା ସ୍ୱାଧିନତା ସଂଗ୍ରାମୀ ମହମ୍ମଦ ବାଜିଙ୍କ ପ୍ରତିମୂର୍ତ୍ତିରୁ ବାହାରି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ପାର୍କ ପର୍ଯ୍ୟନ୍ତ ପ୍ରାୟ ଚାରି କିଲୋମିଟର ରାସ୍ତା ଅତିକ୍ରମ କରିଥିଲା । ହଜାର ହଜାର ଜନସାଧାରଣ ନାଚଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଏକଶହ ଫୁଟର ତ୍ରିରଂଗା ଧରି ସହର ପରିକ୍ରମା କରିଥିଲେ । ଏଥିରେ ବିଧାୟକ ନବରଙ୍ଗପୁର ସଦାଶିବ ପ୍ରଧନୀ, ପୌରପାଳିକା ଅଧକ୍ଷ ନବରଙ୍ଗପୁର କୁନୁ ନାୟକ, ଜିଲ୍ଲାପାଳ ଡକଫର କମଳ ଲୋଚନ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରାଇତ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରନିକର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜୟକୃଷ୍ଣ ବେହେରା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ପୌରପାଳିକାର କର୍ମଚାରୀ, ସରକାରୀ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ମିଶନ ଶକ୍ତି ସଦସ୍ୟା, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।

## ସମ୍ବଲପୁର ରେଳ ମଣ୍ଡଳରେ ଆଧୁନିକୀକରଣ କାର୍ଯ୍ୟ ପାଇଁ ୧୬ ରେ ୨ ଟ୍ରେନ୍ ବାତିଲ୍

ଭୁବନେଶ୍ୱର, (ପି.ଏନ): ସମ୍ବଲପୁର-ଟିଟିଲାଗଡ ରେଳ ସେକ୍ସନ ମଧ୍ୟରେ ଦେଓବାହାଲ-ବରଗଡ ରୋଡ-ବରପାଲୀ ମଧ୍ୟରେ ଦୋହରୀକରଣ କାର୍ଯ୍ୟକ୍ଷମ ପାଇଁ ଟ୍ରେନ୍ ସେବା ପ୍ରଭାବିତ ହେବ । ଉଭୟ ପାର୍ଶ୍ୱରୁ ୧୬ ତାରିଖରେ ୨ ଟି ଟ୍ରେନ ବାତିଲ୍ ରହିବ । ଏହି ଦୁଇଟି ଟ୍ରେନ୍ ହେଲା ୦୮୩୧୭/୦୮୩୧୮ ସମ୍ବଲପୁର-ଜୁନାଗଡ଼ ରୋଡ୍-ସମ୍ବଲପୁର ପାସେଞ୍ଜର ସ୍ପେଶାଲ ଏବଂ ୦୮୨୬୩/୦୮୨୬୪ ଟିଟିଲାଗଡ-ବିଳାସପୁର-ଟିଟିଲାଗଡ ପାସେଞ୍ଜର ସ୍ପେଶାଲ । ସେହିପରି ୧୨୮୯୩/୧୨୮୯୪ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ସୁପର ଫାଷ୍ଟ ଇଂଟର ସିଟି ଏକ୍ସପ୍ରେସ ଭୁବନେଶ୍ୱର ଓ ସମ୍ବଲପୁର ମଧ୍ୟରେ ଚଳାଚଳ କରିବ ଏବଂ ସମ୍ବଲପୁର ଓ ବଲାଙ୍ଗୀର ମଧ୍ୟରେ ବାତିଲ ରହିବ । ଏହା ବ୍ୟତୀତ ୩ ଟି ଟ୍ରେନ୍ ର ସମୟ ପରିବର୍ତ୍ତନ କରାଯାଇଛି ।୧୮୦୦୬ ଜଗଦଳପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ ଜଗଦଳପୁରରୁ ନିର୍ଧାରିତ ସମୟ ସକାଳ ୦୫ଘ.୦୫ମି.ପରିବର୍ତ୍ତେ ସକାଳ ୦୭ଘ.୩୫ମି.ରେ ଛାଡିବ ।

# ହକି ବିଶ୍ୱକପ୍ ପାଇଁ କାଉଂଟଡାଉନ୍ ଆରମ୍ଭ : ପୁଲ୍ ଡିରେ ଭାରତ

ଭୁବନେଶ୍ୱର, (ପି.ଏନ): ଭୁବନେଶ୍ୱର ଓ ରାଉରକେଲାରେ ହେବାକୁ ଥିବା ହକି ପୁରୁଷ ବିଶ୍ୱକପ ୨୦୨୩ର ଅବଗଣନା ଆରମ୍ଭ ହୋଇଯାଇଛି । ଗୁରୁବାରଦିନ ଲୋକସଭା ଭବନଠାରେ ଅନ୍ତର୍ଜାତୀୟ ହକି ଫେଡେରେସନ ପକ୍ଷରୁ ଏହି ବିଶ୍ୱକପର ଡ୍ର' ଅନୁଷ୍ଠିତ ହୋଇଯାଇଛି । ଏହି ଡ୍ର' ପରେ କେଉଁ ପୁଲରେ କେଉଁ ଦଳ ରହିବେ ତାହା ନିର୍ଦ୍ଧାରିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅନ୍ତର୍ଜାତୀୟ ହକି ଫେଡେରେସନର ସଭାପତି ସେଫ ଅହମଦ ଉପସ୍ଥିତ ଥିଲେ ।ପୁଲ-ଏରେ ବର୍ତ୍ତମାନର ୧ ନମ୍ବର ମାନ୍ୟତାପ୍ରାପ୍ତ ଦଳ ଅଷ୍ଟ୍ରେଲିଆ, ଆର୍ଜେଂଟିନା, ଫ୍ରାନ୍ସ ଓ ଦକ୍ଷିଣ ଆଫ୍ରିକା ରହିଛନ୍ତି ।ପୁଲ-ବିରେ ବିଶ୍ୱ ଚାମ୍ପିଅନ ବେଲଜିଅମ, ଜର୍ମାନି, ଜାପାନ ଓ ଦକ୍ଷିଣ କୋରିଆ ଅଛନ୍ତି । ସେହିପରି ପୁଲ-ସିରେ ରହିଛନ୍ତି ନେଦରଲାଣ୍ଡସ, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଚିଲି । ଅନ୍ୟପକ୍ଷରେ ପୁଲ-ଡିରେ ଅଛନ୍ତି ଭାରତ,ଇଂଲଣ୍ଡ, ସ୍ପେନ ଓ ୱେଲସ । ଉଭୟ ଚିଲି ଓ ୱେଲସ ପ୍ରଥମ ଥର ପାଇଁ ବିଶ୍ୱକପ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ବିଶ୍ୱ ରାଙ୍କିଙ୍ଗ ଅନୁସାରେ ଅଷ୍ଟ୍ରେଲିଆ, ବେଲଜିଅମ, ନେଦରଲାଣ୍ଡସ ଓ ଭାରତ ନିଜ ନିଜର ପୁଲରେ ପ୍ରଥମ ସ୍ଥାନରେ ରହିଛନ୍ତି ।ଏହି ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା,ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ୫ଟି ସଚିବ ଭି.କେ.ପାଣ୍ଡିଆନ, କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବ ଭିନିଲ କ୍ରିଷ୍ଣା, ହକି ଇଣ୍ଡିଆର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଅକ୍ଟୋବର ୨୮ ରେ ଧଉଳି ଶାନ୍ତିସ୍ତୁପର ସୁବର୍ଣ୍ଣ ଜୟନ୍ତୀ

ଭୁବନେଶ୍ୱର,(ପି.ଏନ);୧୯୭୨ ମସିହାରେ ଧଉଳି ପାହାଡରେ ପ୍ରତିଷ୍ଠିତ ବିଶ୍ୱବିଦିତ ଶାନ୍ତିସ୍ତୁପ ଏବଂ ବୌଦ୍ଧ ପୁଣ୍ୟପୀଠ ଚଳିତ ବର୍ଷ ୫୦ ବର୍ଷ ପୂରଣ କରୁଛି । ଏହାକୁ ସ୍ମରଣୀୟ କରିବା ନିମନ୍ତେ ଶାନ୍ତିସ୍ତୁପର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି । ଏଥିପାଇଁ ଗୁରୁବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖ ଦିନ ମୁଖ୍ୟ ଉତ୍ସବ ପାଳନ ନିମନ୍ତେ ସ୍ଥିର ହୋଇଥିଲା । ଏଥିରେ ପୃଥିବୀର ବିଭିନ୍ନ ଦେଶରୁ ପ୍ରାୟ ୧୫୦ ବୌଦ୍ଧ ସନ୍ୟାସୀ ଯୋଗ ଦେବାର ସମ୍ଭାବନା ଅଛି । ମୁଖ୍ୟ ଉତ୍ସବ ଦିନ ଭୁବନେଶ୍ୱରରୁ ଧଉଳି ପର୍ଯ୍ୟନ୍ତ ଏକ ଶାନ୍ତି ଶୋଭାଯାତ୍ରା ଆୟୋଜିତ ହେବ ବୋଲି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଓଡ଼ିଶା ସରକାର ଏବଂ କଳିଙ୍ଗ ନିପ୍ପୋନ୍ ବୁଦ୍ଧ ସଂଘ ସହଭାଗିତାରେ ପ୍ରତିଷ୍ଠିତ ଏହି କିର୍ତୀସ୍ତମ୍ଭର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ଆର୍ଥିକ ଏବଂ ପ୍ରଶାସନିକ ସହଯୋଗ ଯୋଗାଇ ଦିଆଯିବ । ବର୍ତ୍ତମାନ ଓଡ଼ଶା ସରକାରଙ୍କ ତରଫରୁ ପ୍ରାୟ ୧.୮୭ କୋଟି ଟଙ୍କା ବ୍ୟୟବରାଦରେ କରାଯାଉଥିବା ଶାନ୍ତିସ୍ତୁପ ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚଳିତ ମାସ ଶେଷସୁଦ୍ଧା ସାରିବା ପାଇଁ ଶ୍ରୀ ମହାପାତ୍ର ପୂର୍ତ୍ତ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶାନ୍ତିସ୍ତୁପକୁ ସଂଯୋଗ କରୁଥିବା ରାସ୍ତାର ନବୀକରଣ ଓ ଆଲୋକିକରଣ କାର୍ଯ୍ୟ ଉତ୍ସବର ବହୁ ଆଗରୁ ସାରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ମଂଚ ପ୍ରସ୍ତୁତି, ସାଜସଜ୍ଜା, ବିଭିନ୍ନ ଦେଶରୁ ଆସୁଥିବା ସନ୍ୟାସୀ ଓ ପ୍ରତିନିଧି ମାନଙ୍କର ଆଗମନ, ରହଣୀ, ଉତ୍ସବରେ ଯୋଗଦାନ, ଆତିଥ୍ୟ ଆଦି ବିଷୟରେ ସବିଶେଷ ଯୋଜନା ଏବଂ ଖର୍ଚ୍ଚ ଆକଳନ କରି ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଦାଖଲ କରିବା ପାଇଁ ଶ୍ରୀ ମହାପାତ୍ର ସ୍ଥାନୀୟ ଧଉଳି ଉନ୍ନୟନ କମିଟିଙ୍କୁ ପରାମର୍ଶ ଦେଇଥିଲେ । ଏହି କମିଟି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ କରିବ । ଧଉଳିରେ ସ୍ଥାପନ କରାଯାଇଥିବା ବିଭିନ୍ନ ପ୍ରକାର ପର୍ଯ୍ୟଟକ ସୁବିଧା କେନ୍ଦ୍ର, ରାସ୍ତା ଆଲୋକ ଆଦିର ରକ୍ଷଣାବେକ୍ଷଣ ଓ ପରିସରର ପରିଛନ୍ନତା ଆଦି କାର୍ଯ୍ୟ ନିୟମିତ ଭାବେକରିବା ପାଇଁ ଏହି ସ୍ଥାନୀୟ କମିଟିଙ୍କୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ କମିଟି ପ୍ରବେଶ ଟିକେଟ ଓ ପାର୍କିଂ ଟିକେଟ ଆଦିରୁ ସଂଗୃହିତ ରାଶି ବିନିଯୋଗ କରିବେ । ଶାନ୍ତିସ୍ତୁପ ପାଦଦେଶ ପ୍ଲାଟଫର୍ମର ନବୀକରଣ, ଆଲୋକ ଏବଂ ଶବ୍ଦ ପ୍ରଦର୍ଶନୀର ନବୀକରଣ ଏବଂ ପୁନଃଆରମ୍ଭ ଦୂରରୁ ସ୍ତୁପର ଦୃଶ୍ୟକୁ ଅବରୋଧ କରୁଥିବା ବୃକ୍ଷଡାଳ ଆଦିର ସଜ୍ଜୀକରଣ, ରାସ୍ତା ଆଲୋକିକରଣ, ହସ୍ତଶିଳ୍ପ ବଜାର ଏବଂ ସପିଂକମ୍ପେଲକ୍ସକୁ ବ୍ୟବସାୟ ଅନୁକୂଳ ଉପଯୁକ୍ତ ଯାଗାକୁ ସ୍ଥାନାନ୍ତରଣ ଆଦି ବିଷୟରେ ଆଲୋଚନା ହୋଇ ସେସବୁର ସମାଧାନ ପନ୍ଥା ନିର୍ଦ୍ଧାରଣ କରାଯାଇଥିଲା । ପଦ୍ମ ବିଭୁଷଣ ସୁଦର୍ଶନ ସାହୁ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚ୍ଚିନ୍ ରାମଚନ୍ଦ୍ର ଯାଦବ, ସୂଚନା ଓ ଲୋକ ସଂପର୍କ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ସଂସ୍କୃତି ନିର୍ଦ୍ଦେଶକ ରଂଜନ କୁମାର ଦାସଙ୍କ ସମେତ ଧଉଳିର ମୁଖ୍ୟ ସନ୍ୟାସୀ ଓ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ନାବାଳିକାଙ୍କୁ ବ୍ଲାକ୍‌ମେଲିଂ ଅଭିଯୋଗରେ ଯୁବକ ଗିରଫ

ଭୁବନେଶ୍ୱର,(ପି.ଏନ): ଦୁଇ ନାବାଳିକା ଭଉଣୀଙ୍କ ନାଁରେ ସୋସିଆଲ ମିଡିଆ ଆକାଉଂଟ ଖୋଲି ବ୍ଲାକ୍ ମେଲିଂ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ପୋଲିସ୍ । ଗିରଫ ଅଭିଯୁକ୍ତ ହେଲା ଅନୁଗୁଳର ପରିକ୍ଷିତ ନାୟକ । ତେବେ ସେ ଭୁବନେଶ୍ୱରରେ କାଳିଆ ଦାସ ନାମରେ ରହୁଥିଲା । ଭୁବନେଶ୍ୱର ଲଇସ୍କନରେ ସେ ରୋଷେୟା ଭାବେ କାମ କରୁଥିଲା । ସୂଚନା ଅନୁଯାୟୀ କାଳିଆ ଦୁଇ ନାବାଳିକାଙ୍କୁ ପ୍ରଥମେ ପ୍ରେମ ନିବେଦନ କରିଥିଲା । ସେମାନେ ଏଥିରେ ରାଜି ନହେବାରୁ କାଳିଆ ସେମାନଙ୍କ ନାଁରେ ଫେସବୁକ୍ ରେ ନକଲି ଆକାଉଂଟ ଖୋଲିଥିଲା । ସେଥିରେ ସେମାନଙ୍କ ଫଟୋକୁ ଏଡିଟ୍ କରି ଅଶ୍ଳିଳ କରୁଥିଲା । ଏହାପରେ ଫଟୋ ପୋଷ୍ଟ କରି ପରିବାର ଲୋକଙ୍କୁ ମେସେଜ୍ କରି ଟଙ୍କା ମାଗୁଥିଲା ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada


# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରି କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ□ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Saturday September 10, 2022 ଭୁବନେଶ୍ୱର ରବିବାର, ସେପ୍ଟେମ୍ବର ୧୦,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ରେଡିଓ ଉପକାରରେ ସ୍ୱାସ୍ଥ୍ୟ ସଂକଳ୍ପ କାର୍ଯ୍ୟକ୍ରମ




ଢେଙ୍କିକୋଟ,(ପି.ଏନ): ଢେଙ୍କିକୋଟ ଠାରେ ଥିବା ମଧ ଇଂରାଜୀ ବିଦ୍ୟାଳୟର ସଭାଗୃହରେ ଗ୍ରାମା□ଳ ରେଡିଓ ବା□ୀ କାର୍ଯ୍ୟକ୍ରମର ସ୍ୱାକ୍ଷର ରେଡିଓ ଉପକାର ତରଫରୁ ନ୍ତସ୍ୱାସ୍ଥ୍ୟ ହିଁ ସମ୍ପଦନ୍ତ ଉପରେ ଏକ ବିଶେଷ ସ୍ୱାସ୍ଥ୍ୟ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରେଡିଓ ଉପକାରର ମାର୍ଗଦର୍ଶକ ତଥା ପରିଚାଳକ ପ୍ରତାପ କେଶରୀ ବାରିକ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ଦ□ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ସମାଜସେବୀ ଶିକ୍ଷାବିତ ତଥା ଅବସରପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ କୁଳମଣି ମଣ୍ଡଳ ଯୋଗ ଦେଇ ଆମ ସ୍ୱାସ୍ଥ୍ୟ ହିଁ ଆମର ସମ୍ପଦ ଉପରେ ବା□ୀ ରଖିଥିଲେ। ମୁଖ୍ୟବକ୍ତା ଭାବେ ଡାକ୍ତର କମଳାକାନ୍ତ ବାରିକ, ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ସଂଜୟ କୁମାର ସାହୁ, ତୃପ୍ତି ରଂଜନ ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାସ୍ଥ୍ୟ ହିଁ ସମ୍ପଦ ଉପରେ ଅନେକ ଉପଦେଶ ଓ ମାର୍ଗଦର୍ଶିକା ପାଠ କରିଥିଲେ । ଆଜିର ଶିଶୁ କାଲିର ଭବିଷ୍ୟତ, ଏଣୁ ନିଜ ସ୍ୱାସ୍ଥ୍ୟ ଉପରେ ସଚେତନ ରହିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା । ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିବା ବେଳେ ରେଡିଓ ଉପକାରର ଅନ୍ୟତମ ସଦସ୍ୟ ତପନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଧଗୋଠ ଅଙ୍ଗନୱାଡିରେ ପୋଷଣ ସପ୍ତାହ ପାଳିତ

ଭଗାମୁଣ୍ଡା,(ପି.ଏନ): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜାମୁଯୋଡି ପଂଚାୟତ ଧଗୋଠ ଗ୍ରାମ ଅଙ୍ଗନୱାଡିରେ ପୋଷଣ ସପ୍ତାହ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଓସ୍କା ଆଜମିପ୍ରେମୀ ଫାଉଣ୍ଡେସନ ନିୟୁଟ୍ରେସନ୍ ପ୍ରୋଗ୍ରାମର ପୋଷଣ ସାଥୀ କୃଷ୍ଣଚନ୍ଦ୍ର ବେହେରା, ଧଗୋଠ ଅଙ୍ଗନୱାଡି କର୍ମୀ ସୁଷମା ପାଇକରାୟ, ସତ୍ୟପାଳ ଅଙ୍ଗନୱାଡି କର୍ମୀ ସୁପ୍ରିୟା କିଷାନ, ଧଗୋଠ ଗ୍ରାମର ଆଶାକର୍ମୀ ସରସ୍ୱତୀ ସାହୁ ଏବଂ ୧୦ନଂ ୱାର୍ଡର ୱାର୍ଡମେମ୍ବର ନନ୍ଦିନୀ ମୁଣ୍ଡା, ସହାୟୀକା ପଦ୍ମାବତୀ ମୁଣ୍ଡା, ଗର୍ଭବତୀ ମା' ଏବଂ ପ୍ରସୂତୀ ମା'ମାନେ ଉପସ୍ଥିତ ଥିଲେ ।

## ପଣ୍ୟ ବୋଝେଇରେ ପୂର୍ବ ରେର୍କଡକୁ ଭଙ୍ଗ କରି ଇତିହାସ ରଚିଲା ପାରାଦୀପ ବନ୍ଦର

ପାରାଦୀପ,(ପି.ଏନ): ପଣ୍ୟ ବୋଝେଇ କାରବାରରେ ନିଜର ପୂର୍ବ ରେର୍କଡକୁ ଭଙ୍ଗ କରି ଇତିହାସ ରଚିଛି ପାରାଦୀପ ବନ୍ଦର । ଏମଭି ଆକ୍ୟୁଏଜେନି ଜାହାଜରେ ୧,୫୦,୦୪୦ ମେଟ୍ରିକ ଟନ ଆଇରନ ଓର ବୋଝେଇ କରି ଏକ ବିରଳ କୀର୍ତିମାନ ସ୍ଥାପିତ ହୋଇ ପାରିଛି । ପୂର୍ବରୁ ୧,୪୯,୬୫୧ ମେଟ୍ରିକ ଟନ ବୋଝେଇ ରେର୍କଡକୁ ଅତିକ୍ରମ କରି ଏହି କୀର୍ତିମାନ ସ୍ଥାପିତ ହୋଇଛି । ଏହି ଜାହାଜଟି ସେପ୍ଟେମ୍ବର ୭ ତାରିଖରେ ଜେଏସଡବ୍ଲୁ ପାରାଦୀପ ଟର୍ମିନାଲର ଏନଆଇଓବି ବର୍ଥରେ ଲାଗିଥିଲା । ଆଇରନ ଓର ବୋଝେଇ କରି ସେପ୍ଟେମ୍ବର ୯ତାରିଖରେ ମହାରାଷ୍ଟ୍ରର ରାଏଗଡା ଅନ୍ତର୍ଗତ ଜୟଗଡ ବନ୍ଦର ଅଭିମୁଖେ ଯାତ୍ରା କରିଛି । ଏହି ଜାହାଜର ପରିବହନକାରୀ ସଂସ୍ଥା ଜେଏସଡବ୍ଲୁ ଷ୍ଟିଲ ଲିମିଟେଡ ରହିଥିବା ବେଳେ ସିଟ୍ରାନ୍ସ ସିପମ୍ୟାନେଜମେଂଟ ଏହାର ଏଜେଂଟ ଥିଲେ ।

## କିସ୍‌କୁ ୟୁନେସ୍କୋ ଅନ୍ତର୍ଜାତୀୟ ସାକ୍ଷରତା ପୁରସ୍କାର- ୨୦୨୨



ଭୁବନେଶ୍ୱର, (ପି.ଏନ): ବିଶ୍ୱର ସର୍ବବୃହତ ଜନଜାତି ଶିକ୍ଷାନୁଷ୍ଠାନ କିସ୍‌କୁ ମିଳିଛି ବିଶ୍ୱସ୍ତରରେ ସର୍ବଶ୍ରେଷ୍ଠ ଶିକ୍ଷା ସମ୍ମାନ। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ କିସ୍‌କୁ ମିଳିଛି ସମ୍ମାନଜନକ ୟୁନେସ୍କୋ ଅନ୍ତର୍ଜାତୀୟ ଲିଟେରାସି ପୁରସ୍କାର- ୨୦୨୨। ଜନଜାତି 'ପିଲାଙ୍କ ମଧ୍ୟରେ ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷା' କାର୍ଯ୍ୟକ୍ରମ ପାଇଁ କିସ୍‌କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରତ୍ୟେକ ବର୍ଷ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ ୟୁନେସ୍କୋ କିଂ ସେଜଂ ଲିଟେରାସୀ ପ୍ରାଇଜ୍ ନାମରେ ନାମିତ ଏହି ସମ୍ମାନଜନକ ଅନ୍ତର୍ଜାତୀୟ ପୁରସ୍କାର ବିଶ୍ୱର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନକୁ ପ୍ରଦାନ କରିଥାଏ। ଶିକ୍ଷା ସମ୍ପର୍କିତ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ୟୁନେସ୍କୋ ଏହି ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରିଥାଏ। ଚଳିତ ବର୍ଷ ୟୁନେସ୍କୋ ପକ୍ଷରୁ ପିଲାଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ନିମନ୍ତେ ସେମାନଙ୍କୁ ପ୍ରାଥମିକସ୍ତରରେ ମାତୃଭାଷା ଓ ସେମାନଙ୍କ କଥିତ ଭାଷାରେ ଶିକ୍ଷା ପ୍ରଦାନ ବିଷୟବସ୍ତୁ ରଖାଯାଇଥିଲା। ବିଶ୍ୱ ସାକ୍ଷରତା ଦିବସ ପରିପ୍ରେକ୍ଷୀରେ ଗୁରୁବାର କୋଟ ଡି ଆଇଭୋରଠାରେ ୟୁନେସ୍କୋ ପକ୍ଷରୁ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କିସ୍‌ର ପ୍ରତିନିଧି ଏହି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ବାବଦରେ କିସ୍‌କୁ ୨୦ ହଜାର ଆମେରିକୀୟ ଡଲାର ଓ ମେଡାଲ୍ ଓ ପ୍ରଶସ୍ତିପତ୍ର ପ୍ରଦାନ କରଯାଇଥିଲା। ଏହି ଅନ୍ତର୍ଜାତୀୟ ଶିକ୍ଷା ପୁରସ୍କାର ପାଇବାରେ କିସ୍ ବିଶ୍ୱର ପ୍ରଥମ ଜନଜାତି ଅନୁଷ୍ଠାନ ହୋଇଥିବା ବେଳେ ଭାରତର ସମସ୍ତ ଘରୋଇ ଓ ସରକାରୀ ଅନୁଷ୍ଠାନ କ୍ଷେତ୍ରରେ ୫ମ ଅନୁଷ୍ଠାନ ଓ ତୃତୀୟ ଏନ୍‌ଜିଓ ବୋଲି ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କିସ୍ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା, କିସ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ କିସ୍‌ର ମହାନିର୍ଦ୍ଦେଶକ କାହ୍ନୁ ଚରଣ ମାହାଲି ପ୍ରମୁଖ ସୂଚନା ଦେଇଥିଲେ। କିସ୍ ହେଉଛି ଭାରତର ଏକମାତ୍ର ଶିକ୍ଷାନୁଷ୍ଠାନ ଯାହାକି ୨୦୧୩ରେ କିସ୍ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାଥମିକ ଶ୍ରେଣୀଗୃହ ଶିକ୍ଷାଦାନ ପ୍ରଣାଳୀ ଆରମ୍ଭ କରିଥିଲା। ପ୍ରଥମ ଶ୍ରେଣୀରେ ନାମ ଲେଖାଉଥିବା ଶିଶୁମାନଙ୍କୁ ସେମାନଙ୍କ କଥିତ ଓ ପ୍ରଚଳିତ ଭାଷାରେ ଶିକ୍ଷାଦାନ କରାଯାଇଥାଏ। ଫଳରେ ସେମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ପାଇଥାଏ। ପର୍ଯ୍ୟାୟକ୍ରମେ ସେମାନଙ୍କୁ ବହିରେ ଲିଖିତ ଭାଷା ବ୍ୟବହାର ସହ ଅଭ୍ୟସ୍ତ କରାଯାଇଥାଏ। ଧିରେ ଧିରେ ସେମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବଢିଥାଏ ଏବଂ ଅଧାରୁ ପାଠ ପଢୁଥିବା ପିଲାଙ୍କ ସଂଖ୍ୟା କମାଇବାରେ ଏହା ଏକ ଅଭିନବ ଓ ସଫଳ ପ୍ରୟାସ। କିସ୍ ପ୍ରତିଷ୍ଠା ହେବା ଦିନଠାରୁ ଦୀର୍ଘ ୩୦ ବର୍ଷ ହେଲା ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଏହି ଅନନ୍ୟ ଶିକ୍ଷାଦାନ କୌଶଳ ଆଜି ଏକ ସଫଳ କୌଶଳ ଭାବେ ସମଗ୍ର ବିଶ୍ୱରେ ସ୍ୱୀକୃତି ଲାଭ କରିପାରିଛି। କିସ୍ ଏହି ସମ୍ମାନଜନକ ପୁରସ୍କାର ପାଇବା ପରେ ଶ୍ରୀ ସାମନ୍ତ ୟୁନେସ୍କୋକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ବିଶ୍ୱର ଏହି ଶ୍ରେଷ୍ଠ ଶିକ୍ଷା ସମ୍ମାନ ଆମକୁ ଶିକ୍ଷା ମାଧ୍ୟମରେ ଜନଜାତିଙ୍କ ସଶକ୍ତିକରଣ ସହ ଅଧିକରୁ ଅଧିକ ଜନଜାତି ପିଲାମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ଆହୁରି ଉତ୍ସାହିତ କରିବ। ସୂଚନା ଯୋଗ୍ୟ କିସ୍ ଜରିଆରେ ୭୦ହଜାରରୁ ଊର୍ଦ୍ଧ୍ୱ ଜନଜାତି ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ପାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇପାରିଛନ୍ତି। ୨୦୧୫ରେ କିସ୍ ୟୁନେସ୍କୋର ସ୍ପେଶିଆଲ୍ କନ୍‌ସଲଟିଭ ଷ୍ଟାଟସ (ଟଘ-ରଉଉଜଙଡଉ) ପାଇବାର ଗୌରବ ଅର୍ଜନ କରିଥିଲା।

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନ୍‌ସି ଏଣ୍ଡ ମେନେଜମେ□ରେ +୩ ଶ୍ରେଷ୍ଠ କୃତି ଛାତ୍ରଛାତ୍ରୀମାନଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ମାନୀତ

ବାରିପଦା,୯।୯।।ବାରିପଦା ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନ୍‌ସି ଏଣ୍ଡ ମେନେଜମେ□ର ଛାତ୍ରଛାତ୍ରୀମାନେ +୩ କଳା, ବିଜ୍ଞାନ ଓ ବାଣିଜ୍ୟ ସମ୍ମାନରେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉ□ୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ପଦାର୍ଥ ବିଜ୍ଞାନ ସମ୍ମାନରେ ଇପସିତା ଘୋଷ ସର୍ବାଧିକ ୮୧%, ରସାୟନ ବିଜ୍ଞାନ ସମ୍ମାନରେ ଅଙ୍କିତା ଦାସ ୮୦%, ଉଦ୍ଭିଦ ବିଜ୍ଞାନ ସମ୍ମାନରେ ସୋନାଲି ସାମଲ ୮୫.୩୭%, ପ୍ରାଣୀବିଜ୍ଞାନ ସମ୍ମାନରେ ସ୍ୱେତଲୀନା ଗିରି ୮୫%, ଶିକ୍ଷା ସମ୍ମାନରେ ସୁକନ୍ୟା ବେହେରା ୮୭%, ଇତିହାସ ସମ୍ମାନରେ ସ୍ୱାଗତିକା ଦେଓ ୭୬%, ରାଜନୀତି ବିଜ୍ଞାନ ସମ୍ମାନରେ ଅଭିଜିତ ପୃଷ୍ଟି ୭୦%, ଓଡ଼ିଆ ସମ୍ମାନରେ ଚନ୍ଦନ କୁମାର ଶତପଥୀ ୭୫% ଓ ବାଣିଜ୍ୟରେ ସୁମନ ଦାସ ୭୪% ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ମଦନ ମୋହନ ସାହୁ, ଅଧ୍ୟାପିକା ଦେବଶ୍ରୀତା ବିଶ୍ୱାଳ, ରସାୟନ ବିଜ୍ଞାନର ଅଧ୍ୟାପିକା ପୂର୍ଣ୍ଣିମା ମାହାନ୍ତି, ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ରୂପମତୀ ବେହେରା, ପ୍ରାଣୀ ବିଜ୍ଞାନର ଅଧ୍ୟାପିକା ଅଭିପ୍ସା ନାୟକ ଏବଂ ଅଙ୍କିତା ସାହୁ, ଶିକ୍ଷା ବିଭାଗର ଅଧ୍ୟାପିକା ସୁଜାତା ପାଲ ଏବଂ ସସ୍ମିତା ସି, ରାଜନୀତି ବିଜ୍ଞାନର ଅଧ୍ୟାପିକା ସଂଯୁକ୍ତା ମହାନ୍ତ, ଓଡ଼ିଆ ବିଭାଗର ଅଧ୍ୟାପିକା ତୃପ୍ତି ଦାସ ଏବଂ ଜ୍ୟୋର୍ତିମୟୀ ଗିରି ଏବଂ ବାଣିଜ୍ୟ ବିଭାଗର ଅଧ୍ୟାପିକା ସବିତାରାଣୀ ଦାସ ଏବଂ କଲେଜର ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଇଫକୋ ପକ୍ଷରୁ ବସ୍ତି ପିଲାଙ୍କୁ ସ୍କୁଲ ବ୍ୟାଗ ଓ ପାଠ୍ୟ ଉପକରଣ ସହାୟତା




ପାରାଦୀପ,(ପି.ଏନ): ଇଫକୋର ଜ୍ୟୋତି ଲେଡିଜ୍ କ୍ଲବ ଓ ମନସା ଚାରିଟେବୁଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଦିନ ଅପରାହ୍ନରେ ପାରାଦୀପ ମୁନିସିପାଲିଟି କଲ୍ୟାଣ ମଣ୍ଡପ ଠାରେ ଜଗନ୍ନାଥ ମନ୍ଦିର ନିକଟସ୍ଥ ମୁଣ୍ଡାପଡା ଓ ବଙ୍ଗାଳିପଡା ବସ୍ତିର ପିଲା ମାନଙ୍କୁ ସ୍କୁଲ ବ୍ୟାଗ, ଟିଫିନ ବକ୍ସ, ପାଣି ବୋତଲ, କମ୍ପାସ ବକ୍ସ ସମେତ ଶିକ୍ଷା ପାଠ୍ୟ ଉପକରଣ ବଂଟନ କରାଯାଇଥିଲା। ଏହି ଅବସରରେ ପାରାଦୀପ ଇଫକୋର ନିର୍ଦ୍ଦେଶକ କେ.ଜେ. ପଟେଲ ମୁଖ୍ୟ ଅତିଥି ଭାବେ ଓ ଜ୍ୟୋତି ଲେଡିଜ୍ କ୍ଲବର ସଭାନେତ୍ରୀ ମମତାବେନ୍ ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଏହି ଉପକରଣ ବଂଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଲେଡିଜ କ୍ଲବର ସଦସ୍ୟା ମିନି ନୀଳାମ୍ବରନ, ଜାନବୀ ଭାରତୀ, କାମିଲିନି ଶ୍ରୀବାସ୍ତବ, ଶାଲିନି ପାଣ୍ଡେ, ଇଫକୋ ପ୍ରଶାସନିକ ଅଧିକାରୀ ପ୍ରଶନ୍ନ କୁମାର ବେଉରା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ମନସା ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ପରିଚାଳନା କରିଥିବା ବେଳେ ଟ୍ରଷ୍ଟର ଏନ.ସି. ଅଗସ୍ତି, ଗୋବିନ୍ଦ ମିଶ୍ର, ଅକ୍ଷୟ ଚନ୍ଦ୍ର ମିଶ୍ର ଓ ସମସ୍ତ ସଦସ୍ୟଏଥିରେ ସହଯୋଗ କରିଥିଲେ। ସୁଚନା ଥାଉକି, ଏହି ସ୍କୁଲ ବ୍ୟାଗ ଓ ଅନ୍ୟାନ୍ୟ ଉପକରଣ ଗୁଡିକୁ ଇଫକୋ ପକ୍ଷରୁ ଯୋଗାଇ ଦିଆଯାଇଥିଲା।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


## ଆନନ୍ଦପୁର ମହାବିଦ୍ୟାଳୟରେ ନୂତନ ଗ୍ରନ୍ଥାଗାର ଓ ବିଜ୍ଞାନ ଭବନ ଉଦ୍‌ଘାଟିତ



ଆନନ୍ଦପୁର,(ପି.ଏନ):ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ଡଃ ଦିଲ୍ଲୀପ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତ□ାବଧାନ ଓ ସଂଯୋଜନାରେ ମହାବିଦ୍ୟାଳୟର ନୂତନ ଗ୍ରନ୍ଥାଗାର, ବିଜ୍ଞାନଗାର ଓ ମୁଖ୍ୟ ଫାଟକ ଉଦ୍‌ଘାଟନ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ସମ୍ମାନୀତ ଅତିଥି ଭାବେ ଅନୀଲ କୁମାର ସେଠୀ ଏବଂ ଆନନ୍ଦପୁର ଉପଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇଥିଲେ । ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଓଡିଶା ସରକାର ୧ କୋଟି ୫୦ ଲକ୍ଷ ଟଙ୍କା ଅନୁଦାନ ଅନୁମୋଦିତ କରିଥିଲେ । ଓଡିଶା ସରକାର ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ବିଶ୍ୱ ବ୍ୟାଙ୍କ୍ ସହାୟତାରେ ୨ କୋଟି ୯୨ ଲକ୍ଷ ଅନୁଦାନରେ ବିଜ୍ଞାନ ବିଭାଗର ପଦାର୍ଥ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ତଥା ରସାୟନ ବିଜ୍ଞାନଗାର ଗୁଡିକ ନିର୍ମାଣ ହୋଇଥିଲା । ସର୍ବ ପ୍ରଥମେ ଅତିଥିମାନେ ଓଡିଶା ସରକାର ଓ ମହାବିଦ୍ୟାଳୟ ମିଳିତ ଉଦ୍ୟମରେ ଆକର୍ଷଣୀୟ ମୁଖ୍ୟ ଫାଟକକୁ ଉଦ୍‌ଘାଟନ କରିଥିଲେ । ଉକ୍ତ ଉତ୍ସବରେ ଶହସ୍ରାଧିକ ଛାତ୍ରଛାତ୍ରୀ ଏବଂ ପୁରାତନ ଛାତ୍ର ମାନଙ୍କ ଉପସ୍ଥିତି, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଆନନ୍ଦପୁରର ସମସ୍ତ ସାମ୍ବାଦିକଙ୍କ ଉପସ୍ଥିତିରେ ଏହି ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ପ୍ରଦୀପ ଧଳ, କୃଷ୍ଣଚନ୍ଦ୍ର ମହାନ୍ତ, ଶେଖର ଦେବତା, ଅନନ୍ତ ଚରଣ ମହାନ୍ତି, ଶକ୍ତିପ୍ରସାଦ ମହାପାତ୍ର, ଶିବ ଚରଣ ବେହେରା, ରବିନ୍ଦ୍ର ନାୟକ, ଶ୍ରୀଲେଖା ସାହୁ, ପ୍ରଫୁଲ୍ଲ ପଣ୍ଡା, ରଘୁଦୀପ୍ତ ନାୟକ,ସଂଘମିତ୍ରା ରାଉତ, ନିମାଇଁ ଚରଣ ରାଉତ, ଦିବ୍ୟଲୋଚନ ଭୂୟାଁ, ଅନୀତା ଦାଶ, ଭାରତୀ ସାହୁ, ଉପେନ୍ଦ୍ର ମିଶ୍ର, ବରିଷ୍ଠ କିରାଣୀ ଲକ୍ଷ୍ମୀଧର ପାତ୍ର ପ୍ରମୁଖଙ୍କ ସହିତ ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray